**ରାମ ମନ୍ଦିର ପାଇଁ ନିଧି ସଂଗ୍ରହ**

ଚୌଦ୍ୱାର,(ଡି.ଏନ୍.ଏ.): ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ ପାଇଁ ପ୍ରସ୍ତୁତି ଚାଲିଛି। ଏଥିପାଇଁ ଦେଶବିଦେଶରୁ ବହୁ ବଦାନ୍ୟ ବ୍ୟକ୍ତି ଓ ସଙ୍ଗଠନ ଅର୍ଥ ଦାନ କରୁଛନ୍ତି। ଏହି କ୍ରମରେ ଚୌଦ୍ୱାର ପୌରପାଳିକା ୯ନଂ. ୱାର୍ଡସ୍ଥିତ କପାଳେଶ୍ୱର ମନ୍ଦିରରେ ଭାଜପାର ବହୁ କର୍ମୀ ଓ ରାମଭକ୍ତ ଏକାଠି ହୋଇ ଉକ୍ତ ମନ୍ଦିର ନିମନ୍ତେ ଅର୍ଥଦାନ କରିଥିଲେ। ପ୍ରଥମ ଦିନରେ ଭକ୍ତମାନେ ୧୯ହଜାର ଟଙ୍କା ପ୍ରଦାନ କରିଥିଲେ। ଚୌଦ୍ୱାର ପୌରପାଳିକାର ୧୯ଟି ୱାର୍ଡରୁ ଅର୍ଥ ସଂଗ୍ରହ କରାଯାଇ ଅଯୋଧ୍ୟା ପଠାଯିବ ବୋଲି ଆୟୋଜକମାନେ କହିଛନ୍ତି।

## ସଂକ୍ଷେପରେ

### ବାସି ଖାଦ୍ୟ ଜବତ: ୨୩.୫ ହଜାର ଜରିମାନା ଆଦାୟ

**ଭୁବନେଶ୍ୱର,୧୪।୧(ବ୍ୟୁରୋ):** ରାଜଧାନୀରେ ବାସି ଖାଦ୍ୟ ବିକାଳିଙ୍କ ଉପରେ ଭୁବନେଶ୍ୱର ମହାନଗର ନିଗମ(ବିଏମ୍ସି) ଓ ପୋଲିସ ପକ୍ଷରୁ ଚଢ଼ାଉ ଜାରି ରହିଛି। ଗୁରୁବାର ଉତ୍ତର ଜୋନ୍ର ଆପୋଲୋ ହସ୍ପିଟାଲ୍ ରୋଡ୍ ଓ କିଟ୍ ରୋଡ୍ରେ ଏହି ଚଢ଼ାଉ କରାଯାଇଥିଲା। ମିଳିତ ସ୍କ୍ୱାଡ୍ ମିଠା ଦୋକାନ, ବେକରି, ଫାଷ୍ଟଫୁଡ୍ ଷ୍ଟଲ୍ରୁ ୪୦ କିଲୋ ବାସି ଖାଦ୍ୟ ଜବତ କରି ନଷ୍ଟ କରିଛି। ଏଥିସହିତ ୨୩ ହଜାର ୫୦୦ ଟଙ୍କା ଜରିମାନା ଆକାରରେ ଆଦାୟ କରିଛି। ଗତ କିଛି ଦିନ ହେବ ରାଜଧାନୀର ବିଭିନ୍ନ ସ୍ଥାନରେ ବିକ୍ରି ହେଉଥିବା ଖାଦ୍ୟର ମାନ ଯାଞ୍ଚ କଡ଼ାକଡ଼ି କରାଯାଉଛି। ଖାଦ୍ୟର ଗୁଣବତ୍ତା ନ ଥିଲେ ତାହାକୁ ଜବତ ପରେ ନଷ୍ଟ କରାଯାଉଛି।

### ନିଧି ସଂଗ୍ରହ ଅଭିଯାନ

**ତିଗିରିଆ/ସାଲେପୁର,୧୪।୧ (ଡି.ଏନ୍.ଏ.):** ଅଯୋଧ୍ୟାରେ ନିର୍ମାଣ ହେବାକୁଥିବା ଶ୍ରୀରାମ ମନ୍ଦିର ପାଇଁ ନିଧି ସଂଗ୍ରହ ଅଭିଯାନ ଗୁରୁବାର ତିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣାସ୍ଥିତ ପତିତପାବନ ମନ୍ଦିରରୁ ଆରମ୍ଭ ହୋଇଛି। ଏହି ଅବସରରେ ମହନ୍ତ ଧ୍ୟାନଚନ୍ଦ ମହାରାଜ ଓ ପୁରୁଣା ତିଗିରିଆ ଉଗ୍ରତାରା ମଠ ମହନ୍ତଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥିଲା। ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ମଳୟ ମହାନ୍ତି, ପ୍ରଦୀପ ସାଥୁଆ, ପ୍ରଫୁଲ୍ଲ ସାହୁ ଓ ସୁବାସ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। ସେହିପରି ସାଲେପୁର ବ୍ଲକରେ ମା'ବୁଢ଼ୀ ଜାଗୁଳାଈଙ୍କ ପୀଠରୁ ନିଧି ସଂଗ୍ରହ ଆରମ୍ଭ ହୋଇଛି। ମୁଖ୍ୟଅତିଥିଭାବେ ବାବା ପପୁରାମ ଯୋଗ ଦେଇଥିଲେ। ବ୍ୟବସାୟୀ ଶରତ ଚନ୍ଦ୍ର ସାହୁ ପ୍ରଥମେ ହଜାରେ ଟଙ୍କା ଅର୍ପଣ କରିଥିଲେ।

### ମା'ଭଗବତୀ, ବଡ଼ବନ୍ଧିଆଣୀଙ୍କ ପୀଠରେ ମକର ସଂକ୍ରାନ୍ତି

**ସାଲେପୁର/ତିଗିରିଆ, ୧୪।୧ (ଡି.ଏନ୍.ଏ.):** ସାଲେପୁର ବ୍ଲକ୍ ବାଲିସାହି ପଞ୍ଚାୟତର ବଟେଶ୍ୱରସ୍ଥିତ ପ୍ରତ୍ୟକ୍ଷ ଦେବୀ ମା' ଭଗବତୀଙ୍କ ପୀଠରେ କୋଭିଡ କଟକଣା ମଧ୍ୟରେ ନିରାଡ଼ମ୍ବରେ ମକର ସଂକ୍ରାନ୍ତି ପାଳିତ ହୋଇଛି। ମନ୍ଦିର ବଡ଼ ପଣ୍ଡା କରୁଣାକର ଦୀକ୍ଷିତଙ୍କ ତତ୍ତ୍ୱାବଧାନରେ ମା'ଙ୍କୁ ସ୍ନାନ କରାଯାଇ ବାଳ ଭୋଗ, ନୀତି ଭୋଗ, ହୋମ ଯଜ୍ଞ ସହ ବିଧିପୂର୍ବକ ପୂଜାର୍ଚ୍ଚନା କରାଯାଇଥିଲା। ସେହିପରି ତିଗିରିଆ ଓ ବାଙ୍କୀ ଉତ୍ତର କୁଲାଟ ଅଞ୍ଚଳର ମା'ବଡ଼ବନ୍ଧିଆଣୀଙ୍କ ପ୍ରସିଦ୍ଧ ମକର ମେଳାକୁ କୋଭିଡ୍ କଟକଣା ପାଇଁ ସଙ୍କୁଚିତ କରାଯାଇଛି। ବୁଧବାର କଳସଯାତ୍ରା ଓ ଅଧିବାସ ପରେ ଗୁରୁବାର ବିଶ୍ୱଶାନ୍ତି ଯଜ୍ଞ ଆରମ୍ଭ ହୋଇଛି। ଶୁକ୍ରବାର ପୂର୍ଣ୍ଣାହୂତି ହେବ। ଏହି ଅବସରରେ ଆଠଗଡ଼ ବିଧାୟକ ତଥା ରାଜ୍ୟ ଖାଦ୍ୟ ଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ବାଙ୍କୀ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀଙ୍କ ସମେତ ବହୁ ଜନପ୍ରତିନିଧି ପୀଠରେ ପହଞ୍ଚି ମା'ଙ୍କ ପୂଜାର୍ଚ୍ଚନା କରିଛନ୍ତି।

### ଫକୀରମୋହନଙ୍କ ସୃଷ୍ଟି ଅନନ୍ୟ କୃତି

**କଟକ ଅଫିସ, ୧୪।୧:** ସାରଳା ସାହିତ୍ୟ ସଂସଦ ପକ୍ଷରୁ ସାରଳା ଭବନଠାରେ ଗୁରୁବାର ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ କବି ଅଖିଳ କୁମାର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ନାରୀଶିକ୍ଷା ଉପରେ ରଚିତ ବ୍ୟାସକବିଙ୍କ ରେବତୀ ଗଳ୍ପ ଭାରତୀୟ ସାହିତ୍ୟରେ ଏକ ଅନନ୍ୟ ସୃଷ୍ଟି ବୋଲି କହିଥିଲେ। ମୁଖ୍ୟବକ୍ତା ମାନସ ରଞ୍ଜନ ମହାପାତ୍ର କହିଥିଲେ, ଫକୀରମୋହନଙ୍କ ଛ' ମାଣ ଆଠ ଗୁଣ୍ଠ, ମାମୁଁ, ଲଛମା, ପ୍ରାୟଶ୍ଚିତ୍ତ ପ୍ରଭୃତି ଉପନ୍ୟାସ ପାଠକଙ୍କ ହୃଦୟସ୍ପର୍ଶୀ ହୋଇପାରିଛି। ସାହିତ୍ୟିକ ରତ୍ନାକର ରାଉତ ଉକ୍ତ ଉତ୍ସବକୁ ଉଦ୍ଘାଟନ କରିଥିବାବେଳେ ସଂସଦର ପ୍ରତିଷ୍ଠାତା ଇଂ. ପ୍ରଭାକର ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ସାହିତ୍ୟିକ ଡ. ମହେଶ୍ୱର ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଫେସର ନିରଞ୍ଜନ ତ୍ରିପାଠୀ, ଡା. ନୀରଦ କୁମାର ଗଚ୍ଛାୟତ, ଶିକ୍ଷାବିତ୍ ଚୌଧୁରୀ ସତ୍ୟ ଦାସ, ଡ. ନଟବର ଶତପଥୀ, ପ୍ରଫେସର ପ୍ରତାପ କିଶୋର ମହାନ୍ତି ଯୋଗଦେଇଥିଲେ। ନାଟ୍ୟକାର ସଞ୍ଜିତ୍ ପଟ୍ଟନାୟକ ସ୍ୱାଗତ ଭାଷଣ ଓ ଶିକ୍ଷାବିତ୍ କୈଳାସ ଚନ୍ଦ୍ର ବରାଳ ଧନ୍ୟବାଦ ଦେଇଥିଲେ।

# ନକଲି କୋର୍ଟ ଅର୍ଡର ଦେଇ ନେଇଛନ୍ତି ୧୮ ଲକ୍ଷ

**କିଡ୍ନୀ ଦେବା ନାଁରେ ହିମାଂଶୁଙ୍କ ଠକେଇ ପେଡ଼ି ଖୋଲୁଛି**

- ବହୁ କୋଟି ଠକିନେଇଥିବା ସନ୍ଦେହ
- ରିମାଣ୍ଡ ପାଇଁ ଆଜି ଆବେଦନ କରିବ ପୋଲିସ

ଭୁବନେଶ୍ୱର,୧୪।୧(ବ୍ୟୁରୋ)

କିଡ୍ନୀ ଯୋଗାଇଦେବା ନାଁରେ ଠକେଇ ର୍ୟାକେଟର ଗୁମର ଧୀରେ ଧୀରେ ଖୋଲିବାରେ ଲାଗିଛି। ର୍ୟାକେଟ ମୁଖ୍ୟ କେନ୍ଦ୍ରାପଡାର ହିମାଂଶୁ ଭୂଷଣ ନନ୍ଦ(୩୨)ଙ୍କୁ ନୟାପଲ୍ଲୀ ପୋଲିସ ଗିରଫ ପରେ ତାଙ୍କ ବିରୋଧରେ ରାଜଧାନୀର ବିଭିନ୍ନ ଥାନାରେ ଅଭିଯୋଗ ସଂଖ୍ୟା ବଢ଼ିବାରେ ଲାଗିଛି। କିଡ୍ନୀ ଯୋଗାଇ ଦେବାକୁ କହି ନକଲି କୋର୍ଟ ଅର୍ଡର ଦେଖାଇ ହିମାଂଶୁ ୧୮ଲକ୍ଷ ୫୩ ହଜାର ଟଙ୍କା ଠକି ନେଇଥିବା ମଞ୍ଚେଶ୍ୱର ଥାନାରେ ଗୁରୁବାର ଅଭିଯୋଗ ହୋଇଛି। ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବାବେଳେ ପ୍ରାୟ ଦେଢ଼କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ହୋଇଥିବା ସନ୍ଦେହ କରୁଛି।

ସୂଚନା ଅନୁଯାୟୀ, ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ରଙ୍ଗମାଟିଆ ଅଞ୍ଚଳରେ ଅଶୋକ ନାୟକଙ୍କର କିଡ୍ନୀ ଆବଶ୍ୟକ ଥିବାରୁ ଏଥିପାଇଁ ସେ ଏକ ବିଜ୍ଞାପନ ଦେଇଥିଲେ। ହିମାଂଶୁ ଉକ୍ତ ବିଜ୍ଞାପନରେ ଦିଆଯାଇଥିବା ଫୋନ୍ ନମ୍ବରରେ ଅଶୋକଙ୍କୁ ଯୋଗାଯୋଗ କରି କିଡ୍ନୀ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏପରିକି କୋର୍ଟର ଏକ ନକଲି ଅର୍ଡର ଦେଇ ବିଶ୍ୱାସ ଜନ୍ମାଇବା ପରେ ହିମାଂଶୁ ତାଙ୍କଠାରୁ ୧୮ ଲକ୍ଷ ୫୩ ହଜାର ଟଙ୍କା ନେଇଥିଲେ। ଦୀର୍ଘଦିନ ବିତିଯାଇଥିଲେ ମଧ୍ୟ କିଡ୍ନୀ ଦେଇ ନ ଥିଲେ କି ଆଉ ଧରାଛୁଆଁ ଦେଇ ନ ଥିଲେ। ତେବେ ଅଭିଯୁକ୍ତ ହିମାଂଶୁ ଗିରଫ ହୋଇଥିବା



ଅଭିଯୁକ୍ତ ହିମାଂଶୁ ଭୂଷଣ ନନ୍ଦ।

ଜାଣିବା ପରେ ଅଶୋକ ଥାନାରେ ଅଭିଯୋଗ କରିଛନ୍ତି। କେବଳ ଅଶୋକ ନୁହନ୍ତି, ଠକେଇର ଶିକାର ହୋଇଥିବା ଭୁବନେଶ୍ୱରର ବହୁ ଲୋକ ପୋଲିସର ଦ୍ୱାରସ୍ଥ ହୋଇଛନ୍ତି। ନୟାପଲ୍ଲୀ ଥାନା ପରେ ଲକ୍ଷ୍ମୀସାଗର ଓ ମଞ୍ଚେଶ୍ୱର ଥାନାରେ ହିମାଂଶୁଙ୍କ ବିରୋଧରେ ୩ ଅଭିଯୋଗ ହୋଇଛି। ସେ ଏକୁଟିଆ ଏହି ର୍ୟାକେଟ ଚଳାଇଥିଲେ ନା ଏଥିରେ ଅନ୍ୟ କେଉଁମାନେ ସମ୍ପୃକ୍ତ ଅଛନ୍ତି ଓ କାହାଠାରୁ କେତେଟଙ୍କା ଠକି ନେଇଛନ୍ତି ତାହା ଜାଣିବାକୁ ନୟାପଲ୍ଲୀ ଥାନା ପୋଲିସ ତାଙ୍କୁ ରିମାଣ୍ଡରେ ଆଣିବାକୁ ଶୁକ୍ରବାର କୋର୍ଟରେ ଆବେଦନ କରିବ ବୋଲି ସୂଚନା ମିଳିଛି।

**ଠକେଇର ଶିକାର ଲୋକେ ପୋଲିସକୁ ଜଣାନ୍ତୁ: ଡିସିପି**

କିଡ୍ନୀ ପ୍ରତିରୋପଣ ପାଇଁ ସ୍ୱତନ୍ତ୍ର ଗାଇଡଲାଇନ୍ ରହିଛି। ଡିଏମ୍ଇଟିଙ୍କ ବିନା ଅନୁମତିରେ କିଡ୍ନୀ ପ୍ରତିରୋପଣ ହୁଏ ନାହିଁ। କାହା କିଡ୍ନୀ କାହା ଦେହରେ ଲାଗିବ, ସେ ସମ୍ପର୍କରେ ଡୋନର୍ ବି ଜାଣି ନ ଥାନ୍ତି। ଯେଉଁମାନେ ଟଙ୍କା ନେଇ କିଡ୍ନୀ ଦେବାକୁ କହୁଛନ୍ତି, ସେମାନଙ୍କଠାରୁ ଦୂରେଇ ରୁହନ୍ତୁ। ଯେଉଁମାନେ ଠକେଇର ଶିକାର ହୋଇଛନ୍ତି, ସେମାନେ ପୋଲିସ ନିକଟରେ ତୁରନ୍ତ ଅଭିଯୋଗ କରିବାକୁ ଡିସିପି ଉମାଶଙ୍କର ଦାଶ ଅନୁରୋଧ କରିଛନ୍ତି।

## ଫ୍ଲାଏ ଓଭରରେ ଜଳିଗଲା ଚଳନ୍ତା କାର

ଭୁବନେଶ୍ୱର,୧୪।୧(ବ୍ୟୁରୋ)



ବାଣୀବିହାର-ବରମୁଣ୍ଡା ଓଭରବ୍ରିଜ୍ ଉପରେ ଗୁରୁବାର ମଧ୍ୟାହ୍ନରେ ଏକ ଚଳନ୍ତା କାର୍ରେ ନିଆଁ ଲାଗିଯିବାରୁ ତାହା ସମ୍ପୂର୍ଣ୍ଣ ଜଳିଯାଇଛି। ସିଆର୍ପି ଓ ଫାୟାର ଷ୍ଟେଶନ ଛକ ମଧ୍ୟବର୍ତ୍ତୀ ସ୍ଥାନରେ ଏହି ଘଟଣା ଘଟିଛି। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି। ତେବେ ସେଥିରେ ଥିବା ଅଭିଜିତ ପରିଡା ଓ ତାଙ୍କର ୨ ସହଯୋଗୀ ଅଳ୍ପକେ ରକ୍ଷା ପାଇଛନ୍ତି। ଓଆର୍୦୨ଏକ୍ୟୁ୭୭୯୯ ନମ୍ବର ବିଶିଷ୍ଟ ଉକ୍ତ କାର୍ଟି ଶ୍ରେତସତ ପ୍ରସାଦ ସିଂହଦଓଙ୍କ ନାମରେ ରହିଛି। କାର୍ଟିକୁ ୪ଦିନ ପୂର୍ବରୁ ସେକେଣ୍ଡହ୍ୟାଣ୍ଡ୍ ଶୋ'ରୁମ୍ରୁ କିଣିଥିବା ସମ୍ପୃକ୍ତ ଯୁବକମାନେ ପୋଲିସ୍କୁ କହିଛନ୍ତି। ପୋଲିସ ଗାଡ଼ି କାଗଜପତ୍ର ସହ ସମ୍ପୃକ୍ତ ଯୁବକଙ୍କ ସମ୍ପର୍କରେ ଅଧିକ ତଦନ୍ତ ଚଳାଇଛି।

ସୂଚନାନୁସାରେ, ଯୁବକାମାନେ କାର୍ରେ ରସୁଲଗଡରୁ ବରମୁଣ୍ଡା ଆଡକୁ ଓଭରବ୍ରିଜ ଉପରେ ଯାଉଥିବାବେଳେ ଫାୟାର ଷ୍ଟେଶନ ଛକ ପାର୍ ହେଉଥିବାବେଳେ ବନେଟରୁ ଧୂଆଁ ବାହାରୁଥିବା ଦେଖିଥିଲେ। ସେମାନେ ତୁରନ୍ତ ଗାଡିଟିକୁ ସାଇଡ୍ କରି ଓହ୍ଲାଇ ପଡିଥିଲେ। ନିକଟରେ ଟ୍ରାଫିକ ଇଣ୍ଟରସେପ୍ଟର ଯାଞ୍ଚ ଚାଲିଥିଲା। ହେଲେ ଓଭରବ୍ରିଜ୍ ହୋଇଥିବାରୁ ପାଣି ମିଳି ନ ଥିଲା। କିଛି ସମୟ ପରେ ଗାଡିଟି ଜଳିଉଠିଥିଲା। ଖବରପାଇ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁ ଲିଭାଇବା ପରେ କ୍ରେନ୍ ସହାୟତାରେ କାର୍ଟିକୁ ସେଠାରୁ ହଟାଇ ନିଆଯାଇଥିଲା।




ବ୍ୟାସକବି ଫକୀରମୋହନ ସେନାପତିଙ୍କ ଜୟନ୍ତୀରେ ଗୁରୁବାର ଉତ୍କଳ ବିଶ୍ୱବିଦ୍ୟାଳୟ ସମ୍ମୁଖ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଉତ୍କଳ ସମ୍ମିଳନୀ ଓ ତାଳପଦେଶ୍ୱରୀ ସାହିତ୍ୟ ଆସରର କର୍ମକର୍ତ୍ତା।

## ବ୍ଲୁ ରକ୍ଷ୍ଟାର ଚାମ୍ପିୟନ

ବାଲିଅନ୍ତା,୧୪।୧(ଡି.ଏନ୍.ଏ.)

ମଞ୍ଚେଶ୍ୱର କୁଆଖାଇ ନଦୀ ପାର୍ଶ୍ୱ ଖେଳପଡ଼ିଆରେ ବିଜୁ ପଟ୍ଟନାୟକ କ୍ଲବ ପକ୍ଷରୁ ଆୟୋଜିତ ଏକଦିବସୀୟ ବିଜୁ ପଟ୍ଟନାୟକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଗୁରୁବାର ଉଦ୍ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍ଘାଟନ କରିଥିଲେ। ଯାଁଳାର ବ୍ଲୁ ରକ୍ଷ୍ଟାର ଓ କେଶୁରାର ଫ୍ରେଣ୍ଡସ କ୍ରିକେଟ କ୍ଲବ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ବ୍ଲୁ ରକ୍ଷ୍ଟାର ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୩ଉଇକେଟ ବିନିମୟରେ ୫୨ ରନ ସଂଗ୍ରହ କରିଥିଲା। ଜବାବରେ ଫ୍ରେଣ୍ଡସ କ୍ରିକେଟ କ୍ଲବ ନିର୍ଦ୍ଧାରିତ ଓଭରରେ ୫ଉଇକେଟ ବିନିମୟରେ ୩୯ରନ ସଂଗ୍ରହ କରି ପରାଜିତ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୋ ଓଡ଼ିଶା ପରିବାରର ସମ୍ପାଦକ ସୁବାସ ଚନ୍ଦ୍ର ମହାପାତ୍ର, ଆଇନଜୀବୀ ଅକ୍ଷୟ ପତି, ଚୈତନ୍ୟ ଦାସ, ଅକ୍ଷୟ ମହାନ୍ତି, ରମେଶ ସାହୁ ପ୍ରମୁଖ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଟିମକୁ ଟ୍ରଫି ସହ ୧୦ହଜାର ଟଙ୍କା ଓ ରନର୍ସ ଅପ ଟିମକୁ ଟ୍ରଫି ସହ ୭ହଜାର ଟଙ୍କା ପ୍ରଦାନ କରିଥିଲେ।

## ଉନ୍ନୟନ କାର୍ଯ୍ୟ ସମୀକ୍ଷା କଲେ ବିଏମ୍ସି କମିଶନର

ଭୁବନେଶ୍ୱର, ୧୪।୧(ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମ (ବିଏମସି) କମିଶନର ପ୍ରେମ ଚନ୍ଦ୍ର ଚୌଧାରୀ ଗୁରୁବାର ଦକ୍ଷିଣ ପୂର୍ବ ମଣ୍ଡଳର ୪୫ ନମ୍ବର ୱାର୍ଡ ଅନ୍ତର୍ଗତ ଚିନ୍ତାମଣିଶ୍ୱର ଓ ବଡ଼ଗଡ ଅଞ୍ଚଳ ପରିଦର୍ଶନ କରିଥିଲେ। ଏହି ଅବସରରେ କମିଶନର ୱାର୍ଡର ସମସ୍ତ ଯୋଜନାମୂଳକ କାର୍ଯ୍ୟର ସମୀକ୍ଷା କରିବା ସହ ସ୍ଥାନୀୟ ନାଗରିକଙ୍କ ସହ ଆଲୋଚନା କରିଥିଲେ। ପ୍ରଥମେ ସେ ଝାରପଡ଼ାସ୍ଥିତ ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର ପରିଚାଳନାର ସମୀକ୍ଷା କରିଥିଲେ। ପରେ ବଡ଼ଗଡ଼ ଶ୍ରୀଦେବୀ ଛକଠାରେ ପୂର୍ବତନ କର୍ପୋରେଟର ଅମରେଶ ଜେନାଙ୍କ ସହ ୱାର୍ଡର ବରିଷ୍ଠ ନାଗରିକ ଓ ମହିଳା ସାମାଜିକକର୍ମୀମାନେ କମିଶନରଙ୍କୁ ଭେଟି ସ୍ଥାନୀୟ ସମସ୍ୟା ସମ୍ପର୍କରେ ଅବଗତ କରିଥିଲେ। କମିଶନର ସହରୀ ମଜୁରୀ ରୋଜଗାର ଯୋଜନା ଅନ୍ତର୍ଗତ ସମସ୍ତ କାର୍ଯ୍ୟର ସମୀକ୍ଷା କରିବା ସହ ୱାର୍ଡର ସମସ୍ତ କଞ୍ଚାରାଭାନ୍ସି ଲେନ୍ଗୁଡ଼ିକର ଉନ୍ନତିକରଣ, ବିଶ୍ୱନାଥନଗରଠାରେ ବରିଷ୍ଠ ନାଗରିକଙ୍କ ନିମନ୍ତେ କମ୍ୟୁନିଟି ସେଣ୍ଟର, ମୁଖ୍ୟ ଡ୍ରେନ ନଂ.୬ରେ ବକ୍ସ କଲଭର୍ଟ ନିର୍ମାଣ, ଖୋଲା ଡ୍ରେନ ଉପରେ ସ୍ଲାବ୍ କଭର, ଚମ୍ପାପୋଖରୀ ସ୍କୁଲ ନିକଟ ଡ୍ରେନର ଉନ୍ନତିକରଣ ନିମନ୍ତେ ଦକ୍ଷିଣ ପୂର୍ବ ମଣ୍ଡଳର ଡେପୁଟି କମିଶନର ଅଂଶୁମାନ ରଥଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାସହ ବଡ଼ଗଡ଼ ହାଟର ୩ ପ୍ରବେଶପଥରେ ଗେଟ୍ ଓ ଗାର୍ଡ ନିର୍ମାଣ ସହ ଆଲୋକ ବ୍ୟବସ୍ଥା ଓ ଗାଡ଼ି ପାର୍କିଂ ନିମନ୍ତେ ସ୍ୱତନ୍ତ୍ର ସ୍ଥାନ ଚିହ୍ନଟ କରାଯିବା ପାଇଁ ବିଏମ୍ସି ତରଫରୁ ଖୁବ୍ଶୀଘ୍ର କାର୍ଯ୍ୟ ଆରମ୍ଭ କରାଯିବ ବୋଲି କମିଶନର କହିଛନ୍ତି। ବିଏମ୍ସି ଅତିରିକ୍ତ କମିଶନର ଅବନୀକାନ୍ତ ପଟ୍ଟନାୟକ, ସହକାରୀ କମିଶନର ଲିଲନ ପ୍ରସାଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ୟାସକବିଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୧୪।୧(ବ୍ୟୁରୋ)/କଟକ ଅଫିସ

ତାଳପଦେଶ୍ୱରୀ ସାହିତ୍ୟ ଆସର ପକ୍ଷରୁ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଜନ୍ମଦିନ ପାଳନ କରାଯାଇଛି। ଆସରର ବରିଷ୍ଠ ସଦସ୍ୟ ତଥା ଉତ୍କଳ ବିଶ୍ୱବିଦ୍ୟାଳୟ ଅଫିସର ସଂଘର ପୂର୍ବତନ ସଭାପତି ବିଶିଷ୍ଟ ଲେଖକ ଡ. ବିରାଜ ମୋହନ ଦାସଙ୍କ ନେତୃତ୍ୱରେ ସଦସ୍ୟମାନେ ସକାଳେ ବାଣୀବିହାର ମୁଖ୍ୟ ଫାଟକ ସମ୍ମୁଖ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପୂର୍ବତନ ସଭାପତି ଶତ୍ରୁଜିତ୍, ପୂର୍ବତନ ସମ୍ପାଦକ ଅସିତ ପ୍ରଧାନ ଓ ସୂର୍ଯ୍ୟକାନ୍ତ ମଲ୍ଲିକ ଉପସ୍ଥିତ ଥିଲେ। ସେହିପରି ଉତ୍କଳ ସାହିତ୍ୟ ସମାଜ ପରିସରରେ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ତରୁଣ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସଭାପତି ସଞ୍ଜିତ୍ ପଟ୍ଟନାୟକ, ସୁନାମଣି ରାଉତ, ରାଜୀବ କୁମାର ଷଡ଼ଙ୍ଗୀ, ବ୍ରହ୍ମାନନ୍ଦ ମହାନ୍ତି, ଶଶିକାନ୍ତ ରାଉତ, ଗଜେନ୍ଦ୍ର କୁମାର ପାଣି, ଅଧ୍ୟାପକ କମଳ ମାହୁନ୍ତ ଉପସ୍ଥିତ ଥିଲେ। ପାଠାଗାର ସମ୍ପାଦକ ସରୋଜିନୀ ମିଶ୍ର ଧନ୍ୟବାଦ ଦେଇଥିଲେ।

## ପଦ୍ମଶ୍ରୀ ଡି. ପ୍ରକାଶ ରାଓଙ୍କୁ ଶ୍ରଦ୍ଧାଞ୍ଜଳି

କଟକ ଅଫିସ,୧୪।୧

ପଦ୍ମଶ୍ରୀ ଡି. ପ୍ରକାଶ ରାଓଙ୍କ ପରଲୋକରେ ଡ୍ରିମ୍ସ ଶିକ୍ଷାନୁଷ୍ଠାନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ରଥ କହିଛନ୍ତି, ନିଷ୍ଠା ଓ ଉତ୍ସର୍ଗୀକୃତ ମନୋଭାବ ନେଇ କାର୍ଯ୍ୟ କଲେ ସଫଳତା ଅବଶ୍ୟମ୍ଭାବୀ। ଏହା ସ୍ୱର୍ଗତ ରାଓଙ୍କ ଜୀବନରେ ପ୍ରମାଣିତ ହୋଇଛି। 'ଡ୍ରିମ୍ସ' ପକ୍ଷରୁ ଆୟୋଜିତ ରକ୍ତଦାନ ଶିବିରରେ ରାଓ ଅନେକ ଥର ଅତିଥି ଭାବେ ଯୋଗଦେଇଥିଲେ। ରାଓଙ୍କ ବିୟୋଗରେ ଯୁବଛାତ୍ର ସମାଜ ଜଣେ ପ୍ରେରଣାଦାତାଙ୍କୁ ହରାଇଲା ବୋଲି ରଥ ଶୋକବାର୍ତ୍ତାରେ କହିଛନ୍ତି।

## ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ଶୋକସଭା



ଶୋକସଭାରେ ସମ୍ବାଦପତ୍ର ବିକ୍ରେତା ସଂଘର ସଦସ୍ୟମାନେ।

କଟକ ଅଫିସ, ୧୪।୧

ପଦ୍ମଶ୍ରୀ ଡି. ପ୍ରକାଶ ରାଓଙ୍କ ବିୟୋଗରେ ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ କଟକ ବକ୍ସିବଜାର ଗୋପବନ୍ଧୁବାଗଠାରେ ଶୋକସଭା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ ସଭାପତି ବିଜୟ କୁମାର ପଢ଼ିହାରୀ, ଉପସଭାପତି ଶ୍ରୀନିବାସ ରେଡ୍ଡୀ, ସାଧାରଣ ସମ୍ପାଦକ ଦୁର୍ଗା ପ୍ରସାଦ ଛାଟୋଇ, ସହସମ୍ପାଦକ ରତ୍ନାକର ପ୍ରଧାନ, କୋଷାଧ୍ୟକ୍ଷ ଅକ୍ଷୟ ମହାନ୍ତି, କମିଟି ସଭ୍ୟ ମନୋଜ ପାଲ୍, ହିମାଂଶୁ ମହାପାତ୍ର, ସନ୍ତୋଷ ମହାନ୍ତି, ପ୍ରଶାନ୍ତ ସାହୁ, ପ୍ରଭାସ ପ୍ରଧାନ, ମଣ୍ଟୁ ସାହୁ, କୁଲୁ ପଟ୍ଟନାୟକ, ବାବୁଲି ସାହୁ ଓ ରବି ସାହୁ ପ୍ରମୁଖ ଯୋଗଦେଇଥିଲେ।

## ଗଜେନ୍ଦ୍ର ସାହୁଙ୍କୁ ଶିଳ୍ପୀ ବିଭୂତି କାନୁନ୍ଗୋ ସ୍ମୃତି ସମ୍ମାନ

**ଶିଳ୍ପୀ ସମ୍ବର୍ଦ୍ଧନା ଉତ୍ସବ**

**କଟକ ଅଫିସ, ୧୪।୧:** ଓଡ଼ିଶା ଚିତ୍ରକଳା ଏକାଡେମୀ ପକ୍ଷରୁ କଟକ ନୂଆପଡ଼ାସ୍ଥିତ ରାଜବଂଶୀଠାରେ ଶିଳ୍ପୀ ସମ୍ବର୍ଦ୍ଧନା ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ରାଜ୍ୟ ସଭା ସଦସ୍ୟ ସୁବାସ ସିଂ ଉଦ୍ଘାଟନ କରି ଚିତ୍ରକଳାର ବିକାଶ ପାଇଁ ସମସ୍ତ ପ୍ରକାର ଉଦ୍ୟମ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଶିଳ୍ପୀ ମହେନ୍ଦ୍ର ପ୍ରସାଦ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ସମ୍ମାନିତ ଅତିଥି ଭାବେ ରଞ୍ଜନ କୁମାର ବିଶ୍ୱାଳ ଯୋଗଦେଇଥିଲେ। ଯଶସ୍ୱୀ ମହାପାତ୍ର କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଏହି ଅବସରରେ ଶିଳ୍ପୀ ଗଜେନ୍ଦ୍ର ପ୍ରସାଦ ସାହୁଙ୍କୁ ଶିଳ୍ପୀ ବିଭୂତି କାନୁନ୍ଗୋ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ ଡ. ପ୍ରାଚୀ ମହାପାତ୍ର, ଅମରେନ୍ଦ୍ର ପଶାୟତ, ଗାୟତ୍ରୀ ମହାପାତ୍ର, ନଗେନ୍ଦ୍ର ପ୍ରସାଦ ମହାପାତ୍ର, ରୁଦ୍ର ନାରାୟଣ ପଶାୟତ, ବିକ୍ରମ ଛାଟୋଇ ଓ ରାଧାଗୋବିନ୍ଦ ପଶାୟତ ପ୍ରମୁଖ ଯୋଗଦେଇଥିଲେ।

## ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ

**ଟାଙ୍ଗୀ,(କଟକ)୧୪।୧(ଡି.ଏନ୍.ଏ.):** ଟାଙ୍ଗୀ-ଚୌଦ୍ୱାର ବ୍ଲକ ବ୍ରହ୍ମପୁର ପଞ୍ଚାୟତ ଅଧୀନ କମଙ୍ଗ ହାଟପଡ଼ିଆରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଗୁରୁବାର ପାଳିତ ହୋଇଯାଇଛି। ନେହେରୁ ଯୁବକେନ୍ଦ୍ର କଟକ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଦିଗ୍ବଳୟ'ର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ଗଙ୍ଗାଧର ବେହେରା ପୌରୋହିତ୍ୟ କରିଥିଲେ। ପୂର୍ବତନ ସରପଞ୍ଚ ରଞ୍ଜିତ୍ ରାଉତ, ପ୍ରଶାନ୍ତ କୁମାର ବସ୍ତିଆ, ଗୌରାଙ୍ଗ ଚରଣ ମାଝି, ବିଷ୍ଣୁ ଚରଣ ମାଝି, ମାନସ ମଲ୍ଲିକ ଓ ମଦନମୋହନ ପଲେଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଗାୟତ୍ରୀ ପ୍ରଜ୍ଞାପୀଠରେ ରକ୍ତଦାନ ଶିବିର



ଭୁବନେଶ୍ୱର,୧୪।୧(ବ୍ୟୁରୋ)

ଶାନ୍ତିକୁଞ୍ଜ ହରିଦ୍ୱାରର ସୁବର୍ଣ୍ଣ ଜୟନ୍ତୀ ବର୍ଷ ଉପଲକ୍ଷେ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ଓ ଜାତୀୟ ଯୁବ ଦିବସ ଅବସରରେ ଗାୟତ୍ରୀ ପ୍ରଜ୍ଞାପୀଠ ପାଣ୍ଡରାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଜ୍ୟୋତିରାଣୀ ରାଉତରାୟ ଏହାକୁ ଉଦ୍ଘାଟନ କରି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଗାୟତ୍ରୀ ପରିବାରର ଯୁବ ଶାଖା ଡିଭାଇନ ଇଣ୍ଡିଆ ୟୁଥ୍ ଆସୋସିଏଶନ ସହଯୋଗ କରିଥିଲା। ଶିବିରରୁ ୨୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା।

# ଜୀବନ ସହ ଖେଳୁଛି ପୂର୍ତ୍ତ ବିଭାଗ

**ରସୁଲଗଡ଼ ଶିଳ୍ପାଞ୍ଚଳ ରାସ୍ତାରେ ଗର୍ତ୍ତ**

**ଅଭିଯୋଗ ପରେ ବି ହେଉନି ମରାମତି**

ଭୁବନେଶ୍ୱର,୧୪।୧(ବ୍ୟୁରୋ)



ରସୁଲଗଡ଼ ପ୍ରବେଶପଥରେ ପାଣିଭର୍ତ୍ତି ହୋଇ ରହିଥିବା ବଡ଼ ବଡ଼ ଖାଲ।

ରାଜଧାନୀରେ ଦୁର୍ଘଟଣା ରୋକିବାକୁ ଟ୍ରାଫିକ କଟକଣାକୁ ଗୁରୁତ୍ୱ ଦିଆଯାଉଛି। ହେଲେ ସହରର ବିଭିନ୍ନ ରାସ୍ତାରେ ଗର୍ତ୍ତ ସୃଷ୍ଟି ହୋଇ ଅନେକ ଦୁର୍ଘଟଣା ଘଟୁଥିଲେ ମଧ୍ୟ ଏହାକୁ ମରାମତି କରିବାକୁ ବିଭାଗୀୟ ଅଧିକାରୀଙ୍କ ତତ୍ପରତା ଦେଖିବାକୁ ମିଳୁନାହିଁ। ଏସ୍ପ୍ଲାନେଡ ମଲ୍ ପାର୍ଶ୍ୱ ରସୁଲ୍ଗଡ଼ ଶିଳ୍ପାଞ୍ଚଳ ଯିବା ରାସ୍ତାକୁ ଏହାର ଜ୍ୱଳନ୍ତ ଉଦାହରଣ ଭାବେ ନିଆଯାଇପାରେ। ଗତ ୧୫ ଦିନ ହେବ ଉକ୍ତ ରାସ୍ତାରେ ଗର୍ତ୍ତ ସୃଷ୍ଟି ହୋଇ ପାଣି ଜମି ରହୁଥିଲେ ହେଁ ଏହାକୁ ମରାମତି କରାଯାଉନାହିଁ। ଫଳରେ ଏହି ବାଟ ଦେଇ ଯାଉଥିବା ଲୋକମାନେ ଦୁର୍ଘଟଣାର ଶିକାର ହେଉଛନ୍ତି। ପ୍ରତିଦିନ ଶତାଧିକ କାର୍ ଓ ବାଇକ କ୍ଷତିଗ୍ରସ୍ତ ହେଉଥିବାବେଳେ ଇତିମଧ୍ୟରେ ୩୦ରୁ ଊର୍ଦ୍ଧ୍ୱ ଆହତ ହେଲେଣି। ଏନେଇ ସ୍ଥାନୀୟ ଲୋକ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ମାୟାଧର ବେହେରାଙ୍କୁ ବାରମ୍ବାର ଅବଗତ କରିବା ପରେ ମଧ୍ୟ ମରାମତି କରା ନ ଯିବା ଲୋକଙ୍କ ଜୀବନ ସହ ଖେଳ ଖେଳିବା ସଦୃଶ ବୋଲି ସାଧାରଣରେ ଅଭିଯୋଗ ହେଉଛି।

ଏନେଇ ସ୍ଥାନୀୟ ବାସିନ୍ଦା ଜନ୍ମେଶ୍ୱର ପରିଡ଼ାଙ୍କ କହିବା ହେଲା, ଉକ୍ତ ଗର୍ତ୍ତରେ ସପ୍ତାହ ପାଣି ଜମି ରହିଥିବାରୁ ତାହାର ଗଭୀରତା ସହଜରେ ଜଣାପଡୁନି। ଫଳରେ ପ୍ରତିଦିନ ଶତାଧିକ ବାଇକ ଓ କାର୍ ଚାଳକ ଜାଣି ନ ପାରି ଉକ୍ତ ଗର୍ତ୍ତରେ ପଡୁଛନ୍ତି। ଅନେକ ଦୁର୍ଘଟଣାର ଶିକାର ହେଉଥିବାବେଳେ ଟ୍ରାଫିକ୍ ସମସ୍ୟା ମଧ୍ୟ ସୃଷ୍ଟି ହେଉଛି। ବାଇକ ଚାଳକ ନିୟନ୍ତ୍ରଣ ହରାଇ ତଳକୁ ପଡ଼ି ଗୁରୁତର ହେଉଛନ୍ତି। ସେହିପରି ସ୍ଥାନୀୟ ଦୋକାନୀ ପୌଲସ୍ତି ପ୍ରଧାନଙ୍କ କହିବା ହେଲା, ଗତ ସୋମବାର ରାତିରେ ରସୁଲଗଡ଼ ଅଞ୍ଚଳର ଜଣେ ବାଇକ ଚାଳକ ଉକ୍ତ ଖାଲରେ ପଡ଼ି ନିୟନ୍ତ୍ରଣ ହରାଇବା ସହ ନିକଟରେ ଥିବା ଡ୍ରେନ୍ରେ ବାଇକ୍ ସହ ଖସି ପଡ଼ିଥିଲେ। ଏଥିରେ ତାଙ୍କ ମୁହଁ ଓ ନାକରେ ଗଭୀର କ୍ଷତ ସୃଷ୍ଟି ହେବାରୁ ତାଙ୍କୁ ହସ୍ପିଟାଲ ପଠାଯାଇଥିଲା। କେବଳ ସେ ନୁହନ୍ତି ବାଇକ୍ରେ ଯାଉଥିବା ଅନେକ ମହିଳା ମଧ୍ୟ ନିୟନ୍ତ୍ରଣ ହରାଇ ତଳେ ପଡ଼ି ଖଣ୍ଡିଆ ଖାବର ହେଉଛନ୍ତି। ଏ ନେଇ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କୁ ଅବଗତ କରାଗଲେ ମଧ୍ୟ ରାସ୍ତା ମରାମତି କରାଯାଉନାହିଁ। ୧୫ ଦିନ ଭିତରେ ପ୍ରାୟ ୩୦ରୁ ଅଧିକ ବାଇକ ଚଳାକ ହସ୍ପିଟାଲରେ ଭର୍ତ୍ତି ହେଲେଣି। ଅକାରଣରେ କାହାର ଜୀବନ ଯିବା ପରେ ବିଭାଗର ଚେତା ପଶିବ ବୋଲି ପୌଲସ୍ତି କହିଛନ୍ତି। ଏନେଇ ବିଭଗୀୟ ନିର୍ବାହୀ ଯନ୍ତ୍ରୀ ବେହେରାଙ୍କୁ ପଚାରିବାରେ ଉକ୍ତ ରାସ୍ତା ମରାମତି ପାଇଁ ବିଲ୍ ପାସ୍ ହୋଇସାରିଛି। ଦିନରେ ଗହଳି ପାଇଁ କାମ କରିବା ସମ୍ଭବ ହେଉନାହିଁ। ତେବେ ଆସନ୍ତା ୨ ଦିନ ଭିତରେ ଉକ୍ତ ରାସ୍ତାର ମରାମତି କାର୍ଯ୍ୟ ଶେଷ କରାଯିବ ବୋଲି ବେହେରା କହିଛନ୍ତି।

**ଛାତ୍ର ବିଜେଡି କଟକ ଜିଲା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ**

କଟକ ଅଫିସ- ଦଶମ ଶ୍ରେଣୀ ଛାତ୍ରାଛାତ୍ରୀଙ୍କ ପରୀକ୍ଷା ଫି' ଛାଡ଼ କରିଥିବାରୁ ଛାତ୍ର ବିଜେଡି କଟକ ଜିଲାର କର୍ମକର୍ତ୍ତାମାନେ ବାଦାମବାଡି ଛକଠାରେ ଏକତ୍ରିତ ହୋଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଦେଇଛନ୍ତି। ଛାତ୍ର ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ସନ୍ତୋଷ ମହାପାତ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ସାଧାରଣ ସମ୍ପାଦିକା ଶୁଭାଙ୍ଗୀ ରୟ, ଛାତ୍ର ବିଜେଡି କଟକ ଜିଲା ଉପସଭାପତି ଅକ୍ଷୟ କୁମାର ବେହେରା, ରାକେଶ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ଆରମ୍ଭହେଲା ମୁକ୍ତେଶ୍ୱର ନୃତ୍ୟ ଉତ୍ସବ

ଭୁବନେଶ୍ୱର,୧୪।୧(ବ୍ୟୁରୋ)/ ପୁରୁଣା ଭୁବନେଶ୍ୱର (ଡି.ଏନ୍.ଏ.)

ଶିବ ଓ ଶକ୍ତି ଉପାସନାରୁ ଆରମ୍ଭ ହୋଇଛି ଓଡ଼ିଶୀ ନୃତ୍ୟ ମହାକୁମ୍ଭ 'ମୁକ୍ତେଶ୍ୱର ନୃତ୍ୟ ଉତ୍ସବ'। ଶିବ ସୁରକ୍ଷା ମନ୍ତ୍ରରୁ ଆରମ୍ଭକରି ଶିବସ୍ତୁତିରେ ଯୁଗଳବନ୍ଦୀ, ନୃତ୍ୟର ତାଳେ ତାଳେ ଦେବାଦିଦେବ ମହାଦେବଙ୍କ ଗୋଟିଏ ପରେ ଗୋଟିଏ ଉପାଖ୍ୟାନକୁ ମଞ୍ଚରେ ଉପସ୍ଥାପନ କରିଥିଲେ ନୃତ୍ୟଶିଳ୍ପୀ। ବର୍ଷକର ଅପେକ୍ଷା ପରେ ମୁକ୍ତେଶ୍ୱର ମୁକ୍ତାକାଶ ରଙ୍ଗମଞ୍ଚରେ ପୁଣିଥରେ ଶୁଭିଥିଲା ଘୁଙ୍ଗୁରର ରୁଣୁଝୁଣୁ ଶବ୍ଦ। ନୀରବି ଯାଇଥିବା ଦଶମ ଶତାବ୍ଦୀର ଏହି ଐତିହାସିକ ମନ୍ଦିର ପୂର୍ବବତ୍ ନିଜକୁ ଜୀବିତ କରିଥିଲା। ରଙ୍ଗବେରଙ୍ଗର ଆଲୋକସଜ୍ଜା, ପ୍ରାଚୀନ କୀର୍ତ୍ତିରାଜି ସାଙ୍ଗକୁ ମୁକ୍ତାକାଶ ମଞ୍ଚ ଓଡ଼ିଶୀ ନୃତ୍ୟରେ ଆହୁରି ମାଦକତା ଭରିଦେଇଥିଲା। କୋଳାହଳରୁ ଦୂରରେ ଥିବା ମନ୍ଦିର ପ୍ରାଙ୍ଗଣ ଲୋକାରଣ୍ୟ ହୋଇଉଠିଥିଲା। ଅବସର ଥିଲା ମୁକ୍ତେଶ୍ୱର ମନ୍ଦିର ପରିସରରେ ଗୁରୁବାରଠାରୁ ଆରମ୍ଭ ହୋଇଥିବା ୩ଦିନିଆ



ମହୋତ୍ସବକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।



ମୁକ୍ତେଶ୍ୱର ମହୋତ୍ସବରେ ପ୍ରୀତିଶା ମହାପାତ୍ର ଓ ରିଦ୍ଧିତା ବରୁଆ ନୃତ୍ୟ ପରିବେଷଣ କରୁଛନ୍ତି।

## ଶିବ-ଶକ୍ତି ଉପାସନା କଲେ ନୃତ୍ୟଶିଳ୍ପୀ

ମୁକ୍ତେଶ୍ୱର ନୃତ୍ୟ ଉତ୍ସବର ଉଦ୍‌ଘାଟନୀ ସନ୍ଧ୍ୟା। ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଏବଂ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ସହଯୋଗରେ ଆୟୋଜିତ ଉତ୍ସବର ପ୍ରଥମ ସନ୍ଧ୍ୟାରେ ଉଭୟ ସଙ୍ଗୀତ ଓ ନୃତ୍ୟର ଆସର ଜମିଥିଲା। ଶୀତୁଆ ସନ୍ଧ୍ୟାରେ ନୃତ୍ୟର ଉଷ୍ମତାକୁ ଭରପୂର ଉପଭୋଗ କରିଥିଲେ ଉପସ୍ଥିତ ଦର୍ଶକ। ପ୍ରଥମେ ପଣ୍ଡିତ ମହେଶ୍ୱର ରାଓ ଓ ସାଥୀ ପ୍ରସ୍ତୁତ କରିଥିଲେ ଶିବ ବନ୍ଦନା ଓଁ ନମଃ ଶିବାୟ। ପରବର୍ତ୍ତୀ କାର୍ଯ୍ୟକ୍ରମ ଥିଲା ବିଶିଷ୍ଟ ଓଡ଼ିଶୀ ନୃତ୍ୟଶିଳ୍ପୀ ମୀରା ଦାସଙ୍କ ଦ୍ୱାରା ଏକକ ଓଡ଼ିଶୀ ନୃତ୍ୟ ପରିବେଷଣ। ତାଙ୍କର ପ୍ରଥମ ଅର୍ଘ୍ୟ ଥିଲା ଶିବସ୍ତୁତି। ପୁଷ୍ପାଞ୍ଜଳିରେ ମଙ୍ଗଳାଚରଣ ପରେ ଗୁରୁ କେଳୁଚରଣ ମହାପାତ୍ରଙ୍କ ନୃତ୍ୟ ସଂରଚନାରେ ସେ ପଲ୍ଲବୀ ପରିବେଷଣ କରିଥିଲେ। ଅନ୍ତିମ ପ୍ରସ୍ତୁତିରେ ପଣ୍ଡିତ ଭୁବନେଶ୍ୱର ମିଶ୍ରଙ୍କ ସଙ୍ଗୀତ ସଂଯୋଜନା ଓ ନିଜସ୍ୱ ନୃତ୍ୟ ସଂରଚନାରେ ରାମାୟଣରୁ ଉଦ୍ଧୃତ ଅଭିନୟ ଶବରୀ ପରିବେଷଣ କରିଥିଲେ। ଯୁଗଳବନ୍ଦୀ ପର୍ଯ୍ୟାୟରେ ନୃତ୍ୟଶିଳ୍ପୀ ପ୍ରୀତିଶା ମହାପାତ୍ର ଓ ରିଦ୍ଧିତା ବରୁଆ ପ୍ରଥମେ ଶିବସ୍ତୁତି ଜୟ ମହେଶ ପରେ ପଲ୍ଲବୀ ଓ ଶେଷରେ ଅଭିନୟ ଶ୍ରୀରାମସ୍ତୁତି ମଞ୍ଚସ୍ଥ କରିଥିଲେ। ଏହାର ନୃତ୍ୟ ସଂରଚନା ଗୁରୁ ରତିକାନ୍ତ ମହାପାତ୍ର କରିଥିବା ବେଳେ ସଙ୍ଗୀତ ସଂଯୋଜନା କରିଥିଲେ ପଣ୍ଡିତ ରଘୁନାଥ ପାଣିଗ୍ରାହୀ ଓ ପ୍ରଦୀପ କୁମାର ଦାସ। ଶେଷରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଶିଳ୍ପୀ ଦଳଗତ ନୃତ୍ୟରେ ଶ୍ରୀଗଣେଶ ଓ ପରେ ରାଗ କ୍ଷୀରବାଣୀ ପଲ୍ଲବୀ ଏବଂ ଶେଷରେ ଅଭିନୟ ଶକ୍ତି ପରିବେଷଣ କରିଥିଲେ। ଏହାର ନୃତ୍ୟ ସଂରଚନା ଗୁରୁ ଲିଙ୍ଗରାଜ ପ୍ରଧାନ ଓ ଗୁରୁ ପଙ୍କଜ କୁମାର ପ୍ରଧାନ କରିଥିବାବେଳେ ସଙ୍ଗୀତ ସଂଯୋଜନା କରିଥିଲେ ଗୁରୁ ବିଜୟ କୁମାର ଜେନା ଓ ଗୁରୁ ବିଜୟ କୁମାର ବାରିକ।

ଉଦ୍‌ଘାଟନୀ ସନ୍ଧ୍ୟାରେ ଅତିଥିଭାବେ ରାଜ୍ୟ ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା, ପର୍ଯ୍ୟଟନ ବିଭାଗ ପ୍ରମୁଖ ସଚିବ ବିଶାଲ କୁମାର ଦେବ, ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର, ଓଡ଼ିଶୀ ନୃତ୍ୟଶିଳ୍ପୀ ଗୁରୁ ଅରୁଣା ମହାନ୍ତି, ପର୍ଯ୍ୟଟନ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ ଏବଂ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଡ. ସଙ୍ଗୀତା ଗୋସାଇଁ ଯୋଗଦେଇଥିଲେ। ଡ. ଶ୍ରୀନିବାସ ଘଟୁଆରୀ ଓ ସଂହତି ପାଣି କାର୍ଯ୍ୟକ୍ରମ ସଂଚାଳନ କରିଥିଲେ।

## ସ୍ତ୍ରୀଙ୍କୁ ନିର୍ଯାତନା ମାମଲା: ଷ୍ଟେନୋଗ୍ରାଫର ଗିରଫ

ଭୁବନେଶ୍ୱର,୧୪।୧(ବ୍ୟୁରୋ)

ସ୍ତ୍ରୀଙ୍କୁ ନିର୍ଯାତନା ଦେବା ଘଟଣାରେ ଭୁବନେଶ୍ୱର ମହିଳା ଥାନା ପୋଲିସ କଟକ ସିଡିଏ ଫେଜ୍-୨ ଅଞ୍ଚଳର ଦେବାନନ୍ଦ ମିଶ୍ରଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେ କଟକ ଆଡ୍‌ଭୋକେଟ୍ ଜେନେରାଲଙ୍କ କାର୍ଯ୍ୟାଳୟରେ ଜୁନିୟର ଷ୍ଟେନୋଗ୍ରାଫର ଭାବେ କାର୍ଯ୍ୟ କରନ୍ତି। ୨୦୧୯ରେ ସେ ବିବାହ କରିଥିଲେ। ପରେ ଉଭୟ ଖଣ୍ଡଗିରି ଅଞ୍ଚଳର ଏକ ଆପାର୍ଟମେଣ୍ଟରେ ଭଡ଼ାରେ ରହୁଥିଲେ। ବିବାହର ବର୍ଷେ ପରେ ଉଭୟଙ୍କ ମଧ୍ୟରେ ତିକ୍ତତା ଆରମ୍ଭ ହୋଇଥିଲା। ଏହାପରଠାରୁ ଦେବାନନ୍ଦ ପ୍ରତିଦିନ ରାତିରେ ନିଶାସକ୍ତ ଅବସ୍ଥାରେ ଘରକୁ ଫେରି ସ୍ତ୍ରୀଙ୍କୁ ନିର୍ଯାତନା ଦେଉଥିଲେ। ନିର୍ଯାତନା ଅସହ୍ୟ ହେବାରୁ ମହିଳା ଜଣକ ମହିଳା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ଥାନାଧିକାରୀ ବନିତା ମହାରଣା ପ୍ରଥମେ ଦମ୍ପତିଙ୍କୁ ଡକାଇ ବୁଝାସୁଝା କରିଥିଲେ। ହେଲେ ଦେବାନନ୍ଦ ସ୍ତ୍ରୀଙ୍କୁ ଥାନା ଭିତରେ ହିଁ ମାରିଦେବାକୁ ଧମକ ଦେଇଥିଲେ। ପରେ ପୋଲିସ ଏ ନେଇ ଏକ ମାମଲା(ନଂ.୬/୨୧) ରୁଜୁ କରିବା ସହ ଦେବାନନ୍ଦଙ୍କୁ ଗିରଫ କରିଥିଲା।

# ଭିନ୍ନସ୍ୱାଦର ମନୋରଞ୍ଜନ ଯୋଗାଇବ 'ଟିମ୍ ମିଡ଼ିଆ'

ଭୁବନେଶ୍ୱର,୧୪।୧(ବ୍ୟୁରୋ)

ଟିମ୍ ଏଣ୍ଟରଟେନ୍‌ମେଣ୍ଟ ଆଣ୍ଡ ମିଡିଆ ପକ୍ଷରୁ ଏକ ନୂଆ ମନୋରଞ୍ଜନଭିତ୍ତିକ ୟୁଟ୍ୟୁବ୍ ଚ୍ୟାନେଲ 'ଟିମ୍ ଓଡ଼ିଆ' ଗୁରୁବାର ଲୋକାର୍ପିତ ହୋଇଛି। ଓଡ଼ିଶାର କଳା, ସଂସ୍କୃତି, ପରମ୍ପରା ଓ ଐତିହ୍ୟକୁ ପାଥେୟ କରି ଲୋକଙ୍କ ପାଇଁ ଭିନ୍ନ ସ୍ୱାଦର ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ ପରିବେଷଣ କରିବା ଲକ୍ଷ୍ୟରେ ଏହି ଚ୍ୟାନେଲ ଆରମ୍ଭ ହୋଇଛି। ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ 'ଟିମ୍' ଗ୍ରୁପର ଅଧ୍ୟକ୍ଷ ନିଶିକାନ୍ତ ମିଶ୍ର ଚ୍ୟାନେଲର ଶୁଭାରମ୍ଭ କରିଥିଲେ। ଏହି ଚ୍ୟାନେଲ ଓଡ଼ିଶାର ଦର୍ଶକମାନଙ୍କୁ ମନୋରଞ୍ଜନର ଏକ ନିଆରା ଅନୁଭୂତି ଦେବ। ବର୍ତ୍ତମାନର ପିଢ଼ିଙ୍କୁ ଆଖି ଆଗରେ ରଖି କାର୍ଯ୍ୟକ୍ରମ ପ୍ରସ୍ତୁତ କରାଗଲେ ମଧ୍ୟ ସବୁଥିରେ ନିଜ ମାଟିର ଛାପ ରହିବ ବୋଲି ମିଶ୍ର କହିଥିଲେ।

ଲୋକାର୍ପଣ କାର୍ଯ୍ୟକ୍ରମରେ ଟିମ୍ ଏଣ୍ଟରଟେନ୍‌ମେଣ୍ଟ ଆଣ୍ଡ ମିଡିଆର ନିର୍ଦ୍ଦେଶକ ଦେବାଶିଷ ମହାପାତ୍ର, ଲକ୍ଷ୍ମୀକାନ୍ତ ପାଲିତ ଓ ଶିବାଶିଷ ମିଶ୍ର ଉପସ୍ଥିତ ଥିଲେ। ଆଦ୍ୟାଶ୍ରୀ କାର୍ଯ୍ୟକ୍ରମର ସଂଯୋଜନା କରିଥିବାବେଳେ ରଞ୍ଜିତ



ଟିମ୍ ଏଣ୍ଟରଟେନ୍‌ମେଣ୍ଟ ଆଣ୍ଡ ମିଡିଆର ନିର୍ଦ୍ଦେଶକ ଦେବାଶିଷ ମହାପାତ୍ର, ଲକ୍ଷ୍ମୀକାନ୍ତ ପାଲିତ ଓ ଶିବାଶିଷ ମିଶ୍ର ୟୁଟ୍ୟୁବ୍ ଚ୍ୟାନେଲ୍ 'ଟିମ୍ ଓଡ଼ିଆ'କୁ ଲୋକାର୍ପଣ କରୁଛନ୍ତି।

ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଲୋକାର୍ପଣ କାର୍ଯ୍ୟକ୍ରମରେ ଚ୍ୟାନେଲର ଥିମ୍ ସଙ୍ଗୀତ ପ୍ରଦର୍ଶନ କରାଯାଇଥିଲା। କରୋନା ମହାମାରୀ କବଳରୁ ବାହାରି ଏକ ନୂଆ ସୁନେଲି ଭବିଷ୍ୟତ ଗଠନ ପାଇଁ ଏଥିରେ ବାର୍ତ୍ତା ଦିଆଯାଇଥିଲା। ଲୋକାର୍ପଣ ସଭାପରେ ଦିବଂଗତ ସଙ୍ଗୀତଜ୍ଞ ଶାନ୍ତନୁ ମହାପାତ୍ରଙ୍କ ସ୍ମୃତିରେ ଏକ ସଙ୍ଗୀତ ଆସର ଆୟୋଜନ କରାଯାଇଥିଲା। କଣ୍ଠଶିଳ୍ପୀ ଦେବାଶିଷ ମହାପାତ୍ର, ଲୋପିତା ମିଶ୍ର, ଲକ୍ଷ୍ମୀକାନ୍ତ ପାଲିତ, ସ୍ୱରୂପା ଚକ୍ରବର୍ତ୍ତୀ, ବାବୁ ପାଣିଗ୍ରାହୀ, ସଙ୍ଗୀତ ଗୋସାଇଁ, ସୋହିନୀ ମିଶ୍ର, ଆଦ୍ୟାଶା ଦାସ, ରଣଦୀପ ପାଲିତ, ବନ୍ଦୀଶ ପାଲିତ,

### ଟିମ୍ ଏଣ୍ଟରଟେନ୍‌ମେଣ୍ଟ ଆଣ୍ଡ ମିଡିଆର ଭିନ୍ନ ପ୍ରୟାସ

ସୁଶାନ୍ତ ପଣ୍ଡା, ଶୁଭାନନ୍ଦା, ରତିକ ମିଶ୍ର ଓ ବ୍ରଜ ବଲ୍ଲଭ ପ୍ରମୁଖ ଶାନ୍ତନୁ ମହାପାତ୍ରଙ୍କ ସଙ୍ଗୀତଗୁଡ଼ିକୁ ପରିବେଷଣ କରିଥିଲେ। ଏହି ଅବସରରେ ଶାନ୍ତନୁ ମହାପାତ୍ରଙ୍କ ଦୁଇ ପୁଅ କୌଶିକ ଓ ସମ୍ବିତ ମଧ୍ୟ ବାପାଙ୍କ ସ୍ମୃତିରେ ସଙ୍ଗୀତ ପରିବେଷଣ କରିଥିଲେ। ଲକ୍ଷ୍ମୀକାନ୍ତ ପାଲିତଙ୍କ କଣ୍ଠରେ ଶାନ୍ତନୁ ମହାପାତ୍ରଙ୍କ କାଳଜୟୀ ଗୀତ 'ମୟୂରୀ ଗୋ...' ସନ୍ଧ୍ୟାର ପ୍ରମୁଖ ଆକର୍ଷଣ ଥିଲା। କାର୍ଯ୍ୟକ୍ରମ ଶେଷରେ ଟିମ୍ ଅଧ୍ୟକ୍ଷ ନିଶିକାନ୍ତ ମିଶ୍ର କଣ୍ଠଶିଳ୍ପୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ମୃତ୍ୟୁଞ୍ଜୟ ରଥ ସଙ୍ଗୀତ ଆସରକୁ ସଂଯୋଜନା କରିଥିଲେ। ଦୀର୍ଘ ୧୦ମାସ ପରେ ରବୀନ୍ଦ୍ର ମଣ୍ଡପରେ ପ୍ରଥମ ଘରୋଇ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ଏଥିରେ କୋଭିଡ୍ ନିୟମକୁ କଡ଼ାକଡ଼ି ପାଳନ କରାଯାଇଥିଲା। ଆଉଟ୍‌ଡୋର୍ ହୋର୍ଡିଂ, ସହରାଞ୍ଚଳ ଯାତ୍ରୀ ପରିବହନ ଓ ଇଭେଣ୍ଟ ମ୍ୟାନେଜମେଣ୍ଟ କ୍ଷେତ୍ରରେ ଟିମ୍ ଗ୍ରୁପ୍ ଏକ ଜଣାଶୁଣା ନାମ ହୋଇଥିବା ବେଳେ ଓଡ଼ିଶାର ମନୋରଞ୍ଜନ ଶିଳ୍ପରେ କିଛି ଭିନ୍ନ ଓ ନୂଆ କରିବାର ଲକ୍ଷ୍ୟନେଇ ଏହି ୟୁଟ୍ୟୁବ୍ ଚ୍ୟାନେଲ ଆରମ୍ଭ କରିଛି।

## ହାତୀ ଘର ଭାଙ୍ଗିଲେ, ଫସଲ ନଷ୍ଟ କଲେ



ମହେନ୍ଦ୍ରଙ୍କ ଘର ହାତୀ ଭାଙ୍ଗିଦେଇଛି।

ଚୌଦ୍ୱାର/ବାଙ୍କୀ,୧୪।୧ (ଡି.ଏନ୍.ଏ./ ସ୍ୱ.ପ୍ର.)

ଟାଙ୍ଗୀ-ଚୌଦ୍ୱାର ବ୍ଲକ କରଞ୍ଜି ପଞ୍ଚାୟତ ଅଧୀନ ହରିଡାପାଳ ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ୩ଟି ହାତୀ ପଶି ମହେନ୍ଦ୍ର ମହନ୍ତଙ୍କ ୨ବଖରା ଚାଳଘର ଭାଙ୍ଗି ଦେଇଛନ୍ତି। ମହେନ୍ଦ୍ରଙ୍କ କହିବାନୁଯାୟୀ, ରାତି ୧୨ଟା ପରେ ୩ଟି ହାତୀ ଆସି ତାଙ୍କ ଘର ଭାଙ୍ଗି ଦେଇଥିଲେ। ହାତୀଙ୍କୁ ଦେଖି ଭୟରେ ଦୌଡିବାରୁ ତାଙ୍କ ପରିବାରର ୪ ଜଣ ଆହତ ହୋଇଛନ୍ତି। ହାତୀ ଘର ଭାଙ୍ଗି ଦେଇଥିବାରୁ ପରିବାର ଲୋକଙ୍କୁ ନେଇ କୋଉଠି ରହିବି ବୋଲି ମହେନ୍ଦ୍ର କହିଛନ୍ତି। ଖବରପାଇ ବନବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତିର ଆକଳନ କରିଥିଲେ। ଘରର କାଗଜପତ୍ର ନେଇ ବନବିଭାଗ କାର୍ଯ୍ୟାଳୟରେ ଦାଖଲ କରିବା ପାଇଁ ମହେନ୍ଦ୍ରଙ୍କୁ ବିଭାଗୀୟ ଅଧିକାରୀ କହିଥିଲେ। ତୁରନ୍ତ ମହେନ୍ଦ୍ରଙ୍କ ପରିବାରକୁ ସହାୟତା ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

ବାଙ୍କୀ ଡମପଡା ବ୍ଲକରେ ହାତୀପଲଙ୍କ ଉପଦ୍ରବ ବୃଦ୍ଧି ପାଇଛି। ଫଳରେ ବ୍ଲକ ଅନ୍ତର୍ଗତ ପାଥପୁର, କୁସୁପଙ୍ଗି, ଚାରିଘେରିଆ, ଗୟଳବାଙ୍କ,ଭଗିପୁର ଆଦି ଅଞ୍ଚଳରେ ପନିପରିବା ନଷ୍ଟ ହୋଇଛି। ବନବିଭାଗ ପକ୍ଷରୁ ପାଟ୍ରୋଲିଂର ଅଭାବ ଓ ହାତୀ ଘଉଡ଼ାଇବା ପାଇଁ ଉଦ୍ୟମ କରାଯାଉ ନ ଥିବାରୁ ସମସ୍ୟା ସୃଷ୍ଟି ହୋଇଛି ବୋଲି ଚାଷୀ ଅଭିଯୋଗ କରିଛନ୍ତି। କ୍ଷତିପୂରଣ ଦେବା ସହ ହାତୀ ଉପଦ୍ରବ ରୋକିବା ପାଇଁ ଚାଷୀଙ୍କ ପକ୍ଷରୁ ଦାବି ହୋଇଛି।

# ଲୋକଙ୍କ ମତାମତ ନେବା ପରେ ନିଷ୍ପତ୍ତି ନିଆଯାଉ

କଟକ ସଦର,୧୪।୧(ଡି.ଏନ୍.ଏ.)

### ୧୫ ପଞ୍ଚାୟତ ସିଏମ୍‌ସିରେ ସାମିଲ ପ୍ରକ୍ରିୟାକୁ ବିରୋଧ

କଟକ ସଦର ବ୍ଲକ ଅନ୍ତର୍ଗତ ୧୫ ପଞ୍ଚାୟତକୁ କଟକ ମହାନଗର ନିଗମ (ସିଏମ୍‌ସି)ରେ ସାମିଲ କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। କୃଷିବହୁଳ ଏହି ପଞ୍ଚାୟତକୁ ସହରାଞ୍ଚଳରେ ସାମିଲ କରାଗଲେ ସ୍ଥାନୀୟ ଚାଷୀମାନେ କ୍ଷତିଗ୍ରସ୍ତ ହେବାର ଆଶଙ୍କା ଥିବାରୁ ଏହାକୁ ବିରୋଧ କରାଯାଉଛି। ଏହି ପଞ୍ଚାୟତର ଲୋକଙ୍କ ମତାମତ ନେବା ପରେ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରି ପଞ୍ଚାୟତବାସୀଙ୍କ ପକ୍ଷରୁ କଟକ ଜିଲାପାଳଙ୍କୁ ସ୍ମାରକପତ୍ର ବୁଧବାର ଦିଆଯାଇଛି। କୁଳସରିଚୁଆଁ, କଳପଡ଼ା, ପରମହଂସ, ଆୟତପୁର, ଫକିରପଡ଼ା, ନିମେଇସାପୁର, କନ୍ଦରପୁର ଭଳି ଅଞ୍ଚଳରେ ଲୋକମାନେ ଧାନ ଓ ପରିବା ଚାଷ ଉପରେ ନିର୍ଭର କରୁଥିବାରୁ ସହରାଞ୍ଚଳ ପରିସରଭୁକ୍ତ ହେଲେ ସମସ୍ୟା ସୃଷ୍ଟି ହେବ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଇତିମଧ୍ୟରେ କିଶନନଗର ତହସିଲ ନିକଟ ରାମଚନ୍ଦ୍ରପୁର ଏକ ସ୍କୁଲ ପରିସରକୁ କଟକ ସଦର ବ୍ଲକ କାର୍ଯ୍ୟାଳୟ ସ୍ଥାନାନ୍ତର କରାଯିବାକୁ ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଥିବାରୁ ୧୫ଟି ପଞ୍ଚାୟତ ସିଏମ୍‌ସିରେ ମିଶିବା ଏକ ପ୍ରକାର ନିଶ୍ଚିତ ବୋଲି କୁହାଯାଉଛି। ଏହା ହେଲେ ୨୦୧୧ ସାମାଜିକ, ଅର୍ଥନୈତିକ ଜାତିଭିତ୍ତିକ ଗଣନା ଦ୍ୱାରା ଉପକୃତ ହେବାକୁ ଥିବା ଗରିବ ପରିବାର ସରକାରୀ ସହାୟତା ପାଇବାରୁ ବଞ୍ଚିତ ହେବେ ବୋଲି ଆୟତପୁର ପଞ୍ଚାୟତ ସମିତିସଭ୍ୟ ଗୋକୁଳଚନ୍ଦ୍ର ପ୍ରଧାନ କହିଛନ୍ତି। ଏଭଳି ସ୍ଥିତିରେ ୨୦୧୧ରେ ସିଏମ୍‌ସିର ସୀମା ବୃଦ୍ଧିକୁ ନେଇ ଆଇଆଇଟି ଖଡ଼ଗପୁର ଦେଇଥିବା ରିପୋର୍ଟକୁ କାର୍ଯ୍ୟକାରୀ କରାଗଲେ ଅସୁବିଧା ରହିବ ନାହିଁ ବୋଲି ପ୍ରଧାନ ଦାବି କରିଛନ୍ତି। ଏଥିରେ ସହରର କଳେବର ବୃଦ୍ଧି ପାଇଁ ବିସ୍ତୃତ ଉନ୍ନୟନ ପ୍ଲାନ କରାଯାଇ ସରକାରଙ୍କୁ ଦିଆଯାଇଥିଲା। ଆଜି ପର୍ଯ୍ୟନ୍ତ ତାକୁ କାର୍ଯ୍ୟକାରୀ କରାଯାଇ ନାହିଁ ବୋଲି ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ପତ୍ର ସଂଖ୍ୟା ୪୯୭୯/୧୯।୬।୨୦୨୦ରୁ ଜଣାପଡ଼ିଛି।

ସୂଚନା ଅନୁସାରେ, ଜିଲା ପରିଷଦ ଜୋନ୍ ନଂ. ୪ ଆମଣ, ଉରାଳିଖଣ୍ଡେଏତା ସମେତ ୫ନଂ ଜୋନର ୬ ଓ ୬ନଂ. ଜୋନର ୬ଟି ପଞ୍ଚାୟତ ସିଏମ୍‌ସିରେ ଅନ୍ତର୍ଭୁକ୍ତ କରାଯିବ। ଏଥିପାଇଁ କଟକ ସହର ନୂଆ ବଜାରଠାରେ ୬୦ବର୍ଷର ବ୍ଲକ କାର୍ଯ୍ୟାଳୟ କିଶନନଗର ତହସିଲ ପାଖକୁ ଉଠିଯିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇ ରାଜସ୍ୱ ବିଭାଗ ଜାଗା ଚିହ୍ନଟ ସରିଲାଣି। ସିଏମ୍‌ସିରେ ପଞ୍ଚାୟତବାସୀ ମିଶିବା ପାଇଁ ଇଚ୍ଛୁକ କି ନାହିଁ, ତାହା ଜନଶୁଣାଣି ମାଧ୍ୟମରେ ପ୍ରଥମେ ନିର୍ଣ୍ଣୟ କରାଯାଉ ବୋଲି କଳପଡ଼ାର ସାମାଜିକ କର୍ମୀ ପୀୟୂଷ ରଞ୍ଜନ ପରିଡ଼ା କହିଛନ୍ତି। ଜମିଜମା, ଚାଷବାସ କ୍ଷେତ୍ରରେ ଗ୍ରାମାଞ୍ଚଳରେ ମିଳୁଥିବା ସାହାଯ୍ୟ, ସୁଯୋଗ ମହାନଗରନିଗମ ଚାଷୀଙ୍କୁ ମିଳିବାର ବ୍ୟବସ୍ଥା କରାଗଲେ, କାହାର ଆପତ୍ତି ରହିବ ନାହିଁ ବୋଲି ପରମହଂସ ପଞ୍ଚାୟତର ପୂର୍ବତନ ସରପଞ୍ଚ ନିର୍ମଳ ଚନ୍ଦ୍ର ଦାସ କହିଛନ୍ତି। ଏ ସମ୍ପର୍କରେ ସିଏମ୍‌ସିର ଜଣେ ଅଧିକାରୀଙ୍କୁ ପଚାରିବାରେ ସେ ନିଜ ନାମ ଗୋପନ ରଖି ରାଜ୍ୟ ସରକାର ଏନେଇ ଏଯାବତ୍ କିଛି ସ୍ପଷ୍ଟ ଭାବେ ଜଣାଇ ନ ଥିବା କହିଛନ୍ତି।

**ସେଲ୍ଫି କର୍ନର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଅଭିଲିପ୍ସା



@ ଅନନ୍ତ



@ ଜସ୍ମିନ



@ କୃଷ୍ଣଚନ୍ଦ୍ର



@ ଅବିନାଶ



@ ନୀରୋଦ



@ ବାବୁନା



@ ଶୁଭାସ୍ମିନୀ

## କେବୁଲ ତାର ଚୋରି, ଯୁବକ ଗିରଫ

ଯାଁଳା(ଡି.ଏନ୍.ଏ.): କେବୁଲ ତାର ଚୋରି କରିବା ଅଭିଯୋଗରେ ଗୁରୁବାର ଯାଁଳା ଫାଣ୍ଡି ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଚନ୍ଦକା ଥାନା ଅଧୀନ ଗିରିଙ୍ଗାପୁଟର ବେଣୁଧର ବଳିୟାରସିଂ। ସୂଚନା ମୁତାବକ, ୧୬ନଂ. ଜାତୀୟ ରାଜପଥ ଭୁଆଶୁଣି ମନ୍ଦିର ନିକଟରେ ଜିଓ କମ୍ପାନୀ ପକ୍ଷରୁ କେବୁଲ ତାର ଯାଇଥିଲା। ରାସ୍ତା କାମ ଚାଲୁଥିବାରୁ ତାରଗୁଡିକ ତଳେ ପଡିଥିଲା। ବେଣୁଧର ଉକ୍ତ ତାରକୁ କାଟି ଚୋରି କରୁଥିବା ବେଳେ କମ୍ପାନୀର କର୍ମଚାରୀମାନେ ତାଙ୍କୁ ଧରି ପୋଲିସ ଜିମା ଦେଇଥିଲେ।

## ସଂକ୍ଷେପରେ

### ଝାମ୍ପିନେଲେ ସୁନାଚେନ

ଯାଁଳା,୧୪।୧(ଡି.ଏନ୍.ଏ.): ଭରତପୁର ଥାନା ଅଧୀନ ଘାଟିକିଆ ଭିପୁଲ ଗାର୍ଡେନ ନିକଟରେ ଗୁରୁବାର ୩ଜଣ ଦୁର୍ବୃତ୍ତ ଜଣେ ମହିଳାଙ୍କୁ ଧକ୍କା ମାରି ସୁନାଚେନ ଲୁଟି ନେଇଛନ୍ତି। ସୂଚନା ମୁତାବକ, ଭିପୁଲ ଗାର୍ଡେନ ନିକଟରେ ରହୁଥିବା ରଶ୍ମିବାଳା ମହାନ୍ତି ପୂର୍ବାହ୍ନ ୧୦ଟାରେ ନିକଟ ବଜାରକୁ ଯାଉଥିଲେ। ଏହି ସମୟରେ ଏକ ବାଇକରେ ୩ଜଣ ଦୁର୍ବୃତ୍ତ ପହଞ୍ଚି ହଠାତ୍ ରଶ୍ମିବାଳାଙ୍କୁ ଧକ୍କା ମାରିଥିଲେ। ରଶ୍ମିବାଳା ତଳେ ପଡିଯିବା ପରେ ଦୁର୍ବୃତ୍ତମାନେ ତାଙ୍କ ବେକରୁ ସୁନାଚେନ ନେଇ ଫେରାର ହୋଇଯାଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

### ମା' କାଳିଜାଈଙ୍କ ପୀଠ ଭକ୍ତଶୂନ୍ୟ

କୃଷ୍ଣପ୍ରସାଦ,୧୪।୧(ଡି.ଏନ୍.ଏ.): ମା' କାଳିଜାଈଙ୍କ ପୀଠରେ ମକର ମେଳା ପାଇଁ ପ୍ରଶାସନ ପକ୍ଷରୁ ୧୪୪ ଧାରା ଜାରି କରାଯାଇଛି। ଏଥିଲାଗି ଗୁରୁବାର ପୀଠ ଶୂନଶାନ ରହିଥିଲା। ପ୍ରତିବର୍ଷ ଭଳି ପାରିକୁଦ ରାଜା ସାହେବ ସନ୍ତୋଷ କୁମାର ମାନସିଂହ ବିନା ପଟୁଆରରେ ଉକ୍ତ ପୀଠରେ ପହଞ୍ଚି ମେଳାକୁ ଉଦ୍‌ଘାଟନ କରିଥିଲେ। ପାରିକୁଦ ରାଜାଙ୍କ କୁଳପୁରୋହିତ କମଳ ଚନ୍ଦ୍ର ଦେବତା ବିଧିରୀତିରେ ଠାକୁରାଣୀଙ୍କ ପୂଜାପାଠ କରିଥିଲେ। ତେବେ ବର୍ଷକୁ ଥରେ ମା' ଙ୍କ ନିକଟରେ ମତ୍ସ୍ୟଜୀବୀମାନେ ପୂଜା କରି ନିଜର ମାନସିକ ପାଇଁ ଠାକୁରାଣୀଙ୍କ ନିକଟରେ ଶୁଭ ମନାସିଥାନ୍ତି। ତେବେ ଚଳିତ ବର୍ଷ ଉକ୍ତ ସ୍ଥାନ ଖାଁ ଖାଁ ରହିଥିଲା। ୧୪୪ ଧାରାକୁ କାର୍ଯ୍ୟକାରୀ କରିବା ପାଇଁ ଚିଲିକା ଉପକୂଳର କୃଷ୍ଣପ୍ରସାଦ ଘିମୁଦା ଜେଟି ଠାରେ କୃଷ୍ଣପ୍ରସାଦ ଥାନା ହାବିଲଦାର ନିତ୍ୟାନନ୍ଦ ପାତ୍ରଙ୍କ ନେତୃତ୍ୱରେ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ସାତପଡା, ନୂଆପଡା, ରମ୍ଭା, ବଡକୁଳ, ଜହ୍ନିକୁଦରୁ ମଧ ପ୍ରଶାସନ ପକ୍ଷରୁ କୌଣସି ଶ୍ରଦ୍ଧାଳଙ୍କୁ ଚିଲିକା ମଧରେ ପ୍ରବେଶ କରିବା ପାଇଁ ଅନୁମତି ଦିଆଯାଇନଥିଲା । ଜିଲା ପ୍ରଶାସନ ପକ୍ଷରୁ ଓଡ୍ରାଫ ଟିମ୍, ଅଗ୍ନିଶମ ବିଭାଗ, ମହିଳା ପୋଲିସ, ବାଟାଲିୟାନ ଫୋର୍ସ ମୁତୟନ କରାଯାଇଥିଲା।

# ଫିକା ପଡ଼ିଲା ଅତ୍ରି ମକର ମହୋତ୍ସବ

ଖୋର୍ଦ୍ଧା ଅଫିସ, ୧୪।୧

କୋଭିଡ୍ କଟକଣା ଭିତରେ ଗୁରୁବାର ପବିତ୍ର ମକର ସଂକ୍ରାନ୍ତିରେ ହଟ୍ଟକେଶ୍ୱର ମହାଦେବ ଏବଂ ଅତ୍ରିରେ ମକର ମେଳା ପାଳିତ ହୋଇଛି। ତେବେ ଚଳିତ ବର୍ଷ କୋଭିଡ୍ କଟକଣା ଯୋଗୁ ହଟ୍ଟକେଶ୍ୱରଙ୍କ ପୀଠରେ ମକର ମେଳା ଏବଂ ଅତ୍ରିରେ ମକର ମହୋତ୍ସବ ଫିକା ପଡ଼ିଛି। ଶତାଧିକ ଭକ୍ତ ଓ ପର୍ଯ୍ୟଟକ ଅତ୍ରି ଉଷ୍ମ ପ୍ରସ୍ରବଣରେ ବୁଡ଼ ପକାଇ ଏକାଦଶ ରୁଦ୍ର ହଟ୍ଟକେଶ୍ୱରଙ୍କୁ ଦର୍ଶନ କରିଛନ୍ତି। ଏଥିସହ ମାନସିକ ପୂରଣ ପରେ ବହୁ ମହିଳା ନିଜ ସନ୍ତାନଙ୍କୁ ଆଣି ପୀଠରେ ମୁଣ୍ଡନ କରିଛନ୍ତି। ସେହିପରି ପରମ୍ପରା ଅନୁଯାୟୀ ବଡିଭୋରରୁ ମାନସିକଧାରୀ ମହିଳାମାନେ ଅତ୍ରିରେ ଦହଲ (ମାନସିକ କୁଣ୍ଡ)ରୁ ଗୁଆ ଖୋଜିଥିଲେ। ନିଃସନ୍ତାନ ମହିଳାମାନେ ପୂର୍ବଦିନ ମାସନ୍ତରୁ ହଟ୍ଟକେଶ୍ୱରଙ୍କ ନିକଟରେ ମାନସିକ ରଖି ତା' ପରଦିନ ମକର ସଂକ୍ରାନ୍ତି ଭୋରରୁ ଦହଲରେ ପୂଜକଙ୍କଠାରୁ ପାଦୁକ ଗ୍ରହଣ ପରେ ଗୁଆ ପକାଇ ଖୋଜନ୍ତି। ଜଳରେ ସମର୍ପିତ ଗୁଆ ଭକ୍ଷଣ କଲେ ସନ୍ତାନ ପ୍ରାପ୍ତି ହୋଇଥାଏ ବୋଲି ଲୋକ ବିଶ୍ୱାସ ରହିଛି। ସେହିପରି ଉଷ୍ମଜଳରେ ସ୍ନାନ କଲେ ଚର୍ମରୋଗ ଆରୋଗ୍ୟ ହୋଇଥାଏ ବୋଲି କୁହାଯାଏ। ଉଷ୍ମ ପ୍ରସ୍ରବଣ କୁଣ୍ଡ(କୁଆକୁଣ୍ଡ)ରେ ଗରମ ଜଳର ଉବୁକା ଦର୍ଶନ ସହ ଶ୍ରଦ୍ଧାଳୁମାନେ କୁଣ୍ଡରେ ମୁଦ୍ରା, ଚାଉଳ, ପୁଷ୍ପ, ଚନ୍ଦନ, ଦୂବ ତୁଳସୀ ବରକୋଳିପତ୍ର ପ୍ରଭୃତି ପକାଇଥାନ୍ତି।



ହଟ୍ଟକେଶ୍ୱର ମହାଦେବ।

### କୋଭିଡ୍ କଟକଣା ମାନି ହେଲା ମକର ମେଳା

- ଦହଲରୁ ଗୁଆ ଖୋଜିଲେ ମାନସିକଧାରୀ
- ମନସ୍କାମନା ପୂରଣ ପରେ ଶିଶୁଙ୍କ ମୁଣ୍ଡନ



ଜଣେ ମାନସିକଧାରୀ ଦହଲରୁ ଗୁଆ ଖୋଜୁଛନ୍ତି।

ଏହାର ଜଳ ପ୍ରଭୁ ହଟ୍ଟକେଶ୍ୱରଙ୍କୁ ସମର୍ପଣ କରାଯାଏ। ଏହି ପାଦୁକା ସେବନ କରି ଶ୍ରଦ୍ଧାଳୁମାନେ ଆତ୍ମତୃପ୍ତି ଲାଭ କରିଥାନ୍ତି।

ମକର ମେଳା ହେଉଛି ହଟ୍ଟକେଶ୍ୱରଙ୍କ ବଡ ପର୍ବ। ତେବେ ଚଳିତବର୍ଷ କୋଭିଡ୍ କଟକଣା ଯୋଗୁ କେବଳ ବିଧି ବିଧାନ ପୂର୍ବକ ପୂଜାର୍ଚ୍ଚନା ଏବଂ ଅନ୍ୟାନ୍ୟ ବିଧି ସମ୍ପନ୍ନ ହୋଇଛି। ଶ୍ରଦ୍ଧାଳୁମାନେ ଅତ୍ରିରେ ସ୍ନାନ ସାରି ମାସ୍କ ପିନ୍ଧି ଧାଡ଼ିରେ ପରସ୍ପରଠାରୁ ସାମାଜିକ ଦୂରତା ରଖି ଛିଡ଼ା ହେବା ସହ ହାତକୁ ସାନିଟାଇଜ କରି ଠାକୁରଙ୍କୁ ବିଲ୍ୱପତ୍ର, ଭୋଗ ପ୍ରଭୃତି ଅର୍ପଣ କରିଥିଲେ। ହଟ୍ଟକେଶ୍ୱର ଦେବ ମନ୍ଦିର ପୂଜକ ଦିବାକର ପୂଜାପଣ୍ଡା କହିଛନ୍ତି, ଗୁରୁବାର ଭୋର ୩ଟାରେ ଦ୍ୱାରଫିଟା, ୪ଟାରେ ମଙ୍ଗଳ ଆଳତି, ଗଜପତିଙ୍କ ନାମରେ ଜଳାଭିଷେକ ହୋଇ ଅନ୍ୟାନ୍ୟ ଦେବନୀତି ୫ଟାରେ ସର୍ବସାଧାରଣଙ୍କ ଦର୍ଶନ ଆରମ୍ଭ ହୋଇଥିଲା। ମଧ୍ୟାହ୍ନରେ ସକାଳ ଧୂପ ବଢିଥିଲା। ଅପରାହ୍ନ ୪ଟାରେ ହଟ୍ଟକେଶ୍ୱର ମହାଦେବ ବିଶାଳ ପଟୁଆରରେ ନାମ ସଂକୀର୍ତ୍ତନ, ବାଦ୍ୟ ବାଜଣା ସହ ମନ୍ଦିରରୁ ବାହାରି ଉଷ୍ମ ପ୍ରସ୍ରବଣରେ ଉବୁକା (କୁଆକୁଣ୍ଡ) ତିନିଘେରା ପ୍ରଦକ୍ଷିଣ କରି ଭକ୍ତଙ୍କୁ ଦର୍ଶନ ଦେବା ପରେ ମନ୍ଦିରକୁ ଫେରିଥିଲେ। ସନ୍ଧ୍ୟାରେ ଗଜପତି ମହାରାଜାଙ୍କ ପକ୍ଷରୁ ମକର ଚାଉଳ ଭୋଗ ଲାଗି ହୋଇଥିଲା। ପରେ ଶ୍ରଦ୍ଧାଳୁଙ୍କୁ ଏହି ମକର ଚାଉଳ ପ୍ରସାଦ ବଣ୍ଟାଯାଇଥିଲା।

### ଏମାନେ କୁହନ୍ତି...

#### 'ହଟ୍ଟକେଶ୍ୱର ହେଉଛନ୍ତି ଏକାଦଶ ରୁଦ୍ର'



ମକର ସଂକ୍ରାନ୍ତି ହେଉଛି ହଟ୍ଟକେଶ୍ୱରଙ୍କ ବଡ଼ ପର୍ବ। ଏହାକୁ ମାନସିକ ମେଳା ମଧ କୁହାଯାଏ। ଅନେକ ବନ୍ଧ୍ୟା ନାରୀ ମାନସିକ ପୂରଣ ଉଦ୍ଦେଶ୍ୟରେ ଏଠାକୁ ଆସି ସନ୍ତାନ ପ୍ରାପ୍ତି ପାଇଁ ବିଶ୍ୱାସ ରଖି ଦହଲରେ ଗୁଆ ଖୋଜନ୍ତି। ହଟ୍ଟକେଶ୍ୱର ହେଉଛନ୍ତି ଏକାଦଶ ରୁଦ୍ର। ଦିବ୍ୟସିଂହ ଦେବ ଗଜପତି ମହାରାଜା ଏହି ପୀଠ ସ୍ଥାପନ କରିଥିଲେ। ତ୍ରେତ୍ୟା ଯୁଗରେ ପ୍ରଭୁ ଶ୍ରୀରାମଚନ୍ଦ୍ର ଏହାର ପୁନଃ ପ୍ରତିଷ୍ଠା କରିଥିଲେ। ଏହି ସ୍ଥାନ ହେଉଛି ଏକାମ୍ର କାନନ। ଏକାମ୍ର କାନନର ମୁଖ୍ୟ ହେଉଛନ୍ତି ପ୍ରଭୁ ଲିଙ୍ଗରାଜ ଓ ହଟ୍ଟକେଶ୍ୱର। ତେବେ ପ୍ରଭୁ ଲିଙ୍ଗରାଜଙ୍କଠାରୁ ହଟ୍ଟକେଶ୍ୱର ଏକ ହଜାର ବର୍ଷ ବଡ଼। ଏଣୁ ଏହି ପୀଠର ଅପୂର୍ବ ମହିମା ରହିଛି। ହଟ୍ଟକେଶ୍ୱରଙ୍କ କରୁଣା ଓ ଆଶୀର୍ବାଦରୁ ବହୁ ବନ୍ଧ୍ୟାନାରୀଙ୍କ ମୁହଁରେ ହସ ଫୁଟେ।

-ରାମଚନ୍ଦ୍ର ପୂଜାପଣ୍ଡା, ହଟ୍ଟକେଶ୍ୱର ପୀଠ

#### 'ଲୋକକଥା ରହିଛି ଗୁଆଟିଏକୁ ପୁଅଟିଏ'



ହିନ୍ଦୁ ପରମ୍ପରାରେ ମକର ସଂକ୍ରାନ୍ତି ଏକ ପବିତ୍ର ପର୍ବ। ଏହିଦିନ ହଟ୍ଟକେଶ୍ୱରଙ୍କ ପୀଠରେ ହେଉଥିବା ମକର ମେଳାକୁ ମାନସିକ ଯାତ୍ରା ମଧ କୁହାଯାଏ। କଥାରେ ଅଛି, 'ଗୁଆଟିଏକୁ ପୁଅଟିଏ। ଆରେ ମକର ଉଠ ସଅଳ ଯିବା ମକର ଅତ୍ରି ଧାମକୁ, ଗୁଆ ପାଇଲେ ପୁଅ ପାଇବୁ, ହଟିଆ ଦେବେ ସେ ବର।' ଏହି ଲୋକ କଥା ଓ ବିଶ୍ୱାସ ଆଜିଯାଏ ରହିଆସିଛି। ଏଥିପାଇଁ ଲୋକେ ଦୂରଦୂରାନ୍ତରୁ ଏଠାକୁ ଧାଇଁଆସନ୍ତି।

-ମୃତ୍ୟୁଞ୍ଜୟ ମହାପାତ୍ର, ପୂଜକ

#### 'ପ୍ରଭୁଙ୍କ ମହିମା ଟାଣିଆଣୁଛି'



୫ବର୍ଷ ହେବ ଏଠାକୁ ଆସୁଛି। ପ୍ରଥମେ ଏକା ଆସୁଥିଲି। ଗତବର୍ଷଠାରୁ ସାଙ୍ଗସାଥୀ ମେଳ ହୋଇ ଆସୁଛୁ। ଉଷ୍ମ ପ୍ରସ୍ରବଣରେ ସ୍ନାନ ସହ ହଟ୍ଟକେଶ୍ୱରଙ୍କ ଦର୍ଶନ କରି ଫେରୁଛୁ। ପ୍ରଭୁ ହଟ୍ଟକେଶ୍ୱରଙ୍କ ମହିମା ଆମକୁ ଟାଣି ଆଣୁଛି।

-ରାଜୀବ ନାୟକ, ବାଲେଶ୍ୱର

#### 'ବିଶ୍ୱାସରେ ଧାଇଁ ଆସିଛି'



୫ବର୍ଷ ହେଲା ମୋର ବିବାହ ହେଲାଣି। ମାତ୍ର ଆଜିପର୍ଯ୍ୟନ୍ତ ସନ୍ତାନସନ୍ତତି ନାହାନ୍ତି। ଅନେକ ଚିକିତ୍ସା କରି ନିରାଶ ହୋଇଛି। ପରେ ଏହି ପୀଠର ଅଲୌକିକ ମହିମା ସମ୍ପର୍କରେ ଜାଣିବାକୁ ପାଇ ଏଠାକୁ ଆସିଛି। ବିଧିବିଧାନ ପୂର୍ବକ ଗୁଆ ଖୋଜି ପାଇଛି। ମହାଦେବଙ୍କ କୃପା ରହିଲେ ସନ୍ତାନ ପ୍ରାପ୍ତି ହେବ ବୋଲି ବିଶ୍ୱାସ ରହିଛି।

କଳ୍ପନା ସ୍ୱାଇଁ, ପିପିଲି

## ବାର୍ଷିକ ସାରସ୍ୱତ ସମାରୋହ

ବୋଲଗଡ଼,୧୪।୧(ଡି.ଏନ୍.ଏ.)

ବୋଲଗଡ଼ ନନ୍ଦିଘୋଷ ଅନୁଷ୍ଠାନ ପକ୍ଷରୁ ବାର୍ଷିକ ସାରସ୍ୱତ ସମାରୋହ ମକର ମିଳନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ସଭାରେ ଅନୁଷ୍ଠାନ ଉପସଭାପତି ଶିକ୍ଷାବିତ୍ ହରିବନ୍ଧୁ ସାହୁ ପୌରୋହିତ୍ୟ କରିଥିବା ବେଳେ ସାମାଜିକକର୍ମୀ ସଞ୍ଜୟ କୁମାର ସୁବୁଦ୍ଧି ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥିଭାବେ ଶିଶୁ ସାହିତ୍ୟିକ ତଥା କେନ୍ଦ୍ର ସାହିତ୍ୟ ଏକୋଡେମୀ ପୁରସ୍କାର ପ୍ରାପ୍ତ ଅଧ୍ୟାପକ ଦାଶ ବେନହୁର, ମୁଖ୍ୟ ବକ୍ତାଭାବେ କଣ୍ଟିଲୋ ନୀଳମାଧବ କଲେଜର ଅଧ୍ୟାପକ ଡ. ପବିତ୍ର କୁମାର ସୁବୁଦ୍ଧି, ସମ୍ମାନିତ ଅତିଥି ଅବସରପ୍ରାପ୍ତ ପ୍ରାଧ୍ୟାପକ ପ୍ରଫୁଲ୍ଲ କୁମାର ସୁବୁଦ୍ଧି ଏବଂ ସମ୍ବର୍ଦ୍ଧିତ ପ୍ରତିଭା ଭାବେ ବ୍ୟଙ୍ଗ କଳାକାର ବ୍ରଜ ବିହାରୀ ସୁବୁଦ୍ଧି ପ୍ରମୁଖ ଯୋଗଦେଇଥିଲେ। ପ୍ରଥମ ଅଧିବେଶନରେ ସାହିତ୍ୟ ସଭା ହୋଇଥିବା ବେଳେ ଦ୍ୱିତୀୟ ଅଧିବେଶନରେ ଉପସ୍ଥିତ କବି ଓ କବୟତ୍ରୀମାନେ ସ୍ୱରଚିତ କବିତା ପାଠ କରିଥିଲେ। ହରପ୍ରିୟା ଦ୍ୱିବେଦୀ, କାଦମ୍ବିନୀ ମହାପାତ୍ର, ଶ୍ରୀକାନ୍ତ ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ପ୍ରଫୁଲ୍ଲ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ଗୁଡ଼ିଉଡ଼ା ଉତ୍ସବ ପାଳିତ

ଯାଁଳା,୧୪।୧(ଡି.ଏନ୍.ଏ.)

ଜଟଣୀ ବ୍ଲକ ମଦନପୁର ହାଇସ୍କୁଲ ଖେଳପଡ଼ିଆରେ ଗୁରୁବାର ନବଜ୍ୟୋତି କ୍ଲବ ଆନୁକୂଲ୍ୟରେ ଗୁଡ଼ିଉଡ଼ା ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବିଧାୟକ ସୁରେଶ କୁମାର ରାଉତରାୟ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ଗୁଡ଼ି ଉଡ଼ାଇଥିଲେ। ଉତ୍ସବରେ ୧୬ ବର୍ଷରୁ କମ୍ ବୟସର ୧୨୦ଜଣ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କ୍ୟାପଟେନ ମନ୍ମଥ ରାଉତରାୟ, ଅନୁଷ୍ଠାନ ସଭାପତି ଛେନୁ ଶେଖର ପଟ୍ଟନାୟକ, ତାପସ ବିଦ୍ୟାଧର, ସତ୍ୟରଞ୍ଜନ ଜେନା, ଲିଲୁ ଛୁଆଳସିଂହ, ବୁଲୁ ବଳିୟାରସିଂ, ଅରବିନ୍ଦ ବାରିକ ଉପସ୍ଥିତ ଥିଲେ।

## ନବ ଦମ୍ପତିଙ୍କୁ ୫୦ ହଜାର ଦେଲା ପ୍ରଶାସନ



ଖୋର୍ଦ୍ଧା ଅଫିସ, ୧୪।୧: ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ବିଜୁ ଶିଶୁ ସୁରକ୍ଷା ଯୋଜନାରେ ଏକ ନବ ଦମ୍ପତିଙ୍କୁ ଆଗାମୀ ଭବିଷ୍ୟତ ଲାଗି ୫୦ହଜାର ଟଙ୍କାର ଅନୁଦାନ ପ୍ରଦାନ କରାଯାଇଛି। ଯୁବତୀ ଜଣକ ଖୋର୍ଦ୍ଧା ଜିଲାର ଏକ ଶିଶୁ ଯତ୍ନ ଅନୁଷ୍ଠାନରେ ରହିଥିଲେ। ସେ ଏବେ ଏମ୍‌ବିଏ ପ୍ରଥମ ବର୍ଷରେ ପଢୁଥିବାବେଳେ ଯୁବକ ଜଣକ ତାମିଲନାଡୁରେ ସଫ୍ଟୱେର ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଛନ୍ତି। ବିବାହ ଉତ୍ସବରେ ଜିଲାପାଳ ସନତ ମହାନ୍ତି ଏବଂ ଜିଲାସ୍ତରୀୟ ଅଧିକାରୀମାନେ ଯୋଗଦେଇ ନବ ଦମ୍ପତିଙ୍କୁ ଶୁଭେଚ୍ଛା ଜଣାଇବା ସହ ଉଭୟଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଏ ନେଇ ଜିଲାପାଳ ଟୁଇଟ କରି ଜଣାଇଛନ୍ତି।

# ଭିନ୍ନସ୍ୱାଦର ମନୋରଞ୍ଜନ ଯୋଗାଇବ 'ଟିମ୍ ମିଡ଼ିଆ'

ଭୁବନେଶ୍ୱର,୧୪।୧(ବ୍ୟୁରୋ)

ଟିମ୍ ଏଣ୍ଟରଟେନ୍‌ମେଣ୍ଟ ଆଣ୍ଡ ମିଡିଆ ପକ୍ଷରୁ ଏକ ନୂଆ ମନୋରଞ୍ଜନଭିତ୍ତିକ ୟୁଟ୍ୟୁବ୍ ଚ୍ୟାନେଲ 'ଟିମ୍ ଓଡ଼ିଆ' ଗୁରୁବାର ଲୋକାର୍ପିତ ହୋଇଛି। ଓଡ଼ିଶାର କଳା, ସଂସ୍କୃତି, ପରମ୍ପରା ଓ ଐତିହ୍ୟକୁ ପାଥେୟ କରି ଲୋକଙ୍କ ପାଇଁ ଭିନ୍ନ ସ୍ୱାଦର ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ ପରିବେଷଣ କରିବା ଲକ୍ଷ୍ୟରେ ଏହି ଚ୍ୟାନେଲ ଆରମ୍ଭ ହୋଇଛି। ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ 'ଟିମ୍' ଗ୍ରୁପ୍‌ର ଅଧକ୍ଷ ନିଶିକାନ୍ତ ମିଶ୍ର ଚ୍ୟାନେଲର ଶୁଭାରମ୍ଭ କରିଥିଲେ। ଏହି ଚ୍ୟାନେଲ ଓଡ଼ିଶାର ଦର୍ଶକମାନଙ୍କୁ ମନୋରଞ୍ଜନର ଏକ ନିଆରା ଅନୁଭୂତି ଦେବ। ବର୍ତ୍ତମାନର ପିଢିଙ୍କୁ ଆଖି ଆଗରେ ରଖି କାର୍ଯ୍ୟକ୍ରମ ପ୍ରସ୍ତୁତ କରାଗଲେ ମଧ ସବୁଥିରେ ନିଜ ମାଟିର ଛାପ ରହିବ ବୋଲି ମିଶ୍ର କହିଥିଲେ।

ଲୋକାର୍ପଣ କାର୍ଯ୍ୟକ୍ରମରେ ଟିମ୍ ଏଣ୍ଟରଟେନ୍‌ମେଣ୍ଟ ଆଣ୍ଡ ମିଡିଆର ନିର୍ଦ୍ଦେଶକ ଦେବାଶିଷ ମହାପାତ୍ର, ଲକ୍ଷ୍ମୀକାନ୍ତ ପାଲିତ ଓ ଶିବାଶିଷ ମିଶ୍ର ଉପସ୍ଥିତ ଥିଲେ। ଆଦ୍ୟାଶ୍ରୀ କାର୍ଯ୍ୟକ୍ରମର ସଂଯୋଜନା କରିଥିବାବେଳେ ରଞ୍ଜିତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଲୋକାର୍ପଣ କାର୍ଯ୍ୟକ୍ରମରେ ଚ୍ୟାନେଲର ଥିମ୍ ସଙ୍ଗୀତ ପ୍ରଦର୍ଶନ କରାଯାଇଥିଲା। କରୋନା ମହାମାରୀ କବଳରୁ ବାହାରି ଏକ ନୂଆ ସୁନେଲି ଭବିଷ୍ୟତ ଗଠନ ପାଇଁ ଏଥିରେ ବାର୍ତ୍ତା ଦିଆଯାଇଥିଲା। ଲୋକାର୍ପଣ ସଭାପରେ ଦିବଂଗତ ସଙ୍ଗୀତଜ୍ଞ ଶାନ୍ତନୁ ମହାପାତ୍ରଙ୍କ ସ୍ମୃତିରେ ଏକ ସଙ୍ଗୀତ ଆସର ଆୟୋଜନ କରାଯାଇଥିଲା। କଣ୍ଠଶିଳ୍ପୀ ଦେବାଶିଷ ମହାପାତ୍ର, ଲୋପିତା ମିଶ୍ର, ଲକ୍ଷ୍ମୀକାନ୍ତ ପାଲିତ, ସ୍ୱରୂପା ଚକ୍ରବର୍ତ୍ତୀ, ବାବୁ ପାଣିଗ୍ରାହୀ, ସଙ୍ଗୀତ ଗୋସାଇଁ, ସୋହିନୀ ମିଶ୍ର, ଆଦ୍ୟାଶା ଦାସ, ରଣଦୀପ ପାଲିତ, ବନ୍ଦୀଶ ପାଲିତ, ସୁଶାନ୍ତ ପଣ୍ଡା, ଶୁଭାନନ୍ଦା, ରତିକ ମିଶ୍ର ଓ ବ୍ରଜ ବଲ୍ଲଭ ପ୍ରମୁଖ ଶାନ୍ତନୁ ମହାପାତ୍ରଙ୍କ ସଙ୍ଗୀତଗୁଡ଼ିକୁ ପରିବେଷଣ କରିଥିଲେ। ଏହି ଅବସରରେ ଶାନ୍ତନୁ ମହାପାତ୍ରଙ୍କ ଦୁଇ ପୁଅ କୌଶିକ ଓ ସମ୍ବିତ ମଧ ବାପାଙ୍କ ସ୍ମୃତିରେ ସଙ୍ଗୀତ ପରିବେଷଣ କରିଥିଲେ। ଲକ୍ଷ୍ମୀକାନ୍ତ ପାଲିତଙ୍କ କଣ୍ଠରେ ଶାନ୍ତନୁ ମହାପାତ୍ରଙ୍କ କାଳଜୟୀ ଗୀତ 'ମୟୂରୀ ଗୋ...' ସନ୍ଧ୍ୟାର ପ୍ରମୁଖ ଆକର୍ଷଣ ଥିଲା। କାର୍ଯ୍ୟକ୍ରମ ଶେଷରେ ଟିମ୍ ଅଧକ୍ଷ ନିଶିକାନ୍ତ ମିଶ୍ର କଣ୍ଠଶିଳ୍ପୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ମୃତ୍ୟୁଞ୍ଜୟ ରଥ ସଙ୍ଗୀତ ଆସରକୁ ସଂଯୋଜନା କରିଥିଲେ।



ଟିମ୍ ଏଣ୍ଟରଟେନ୍‌ମେଣ୍ଟ ଆଣ୍ଡ ମିଡିଆର ନିର୍ଦ୍ଦେଶକ ଦେବାଶିଷ ମହାପାତ୍ର, ଲକ୍ଷ୍ମୀକାନ୍ତ ପାଲିତ ଓ ଶିବାଶିଷ ମିଶ୍ର ୟୁଟ୍ୟୁବ୍ ଚ୍ୟାନେଲ୍ 'ଟିମ୍ ଓଡ଼ିଆ'କୁ ଲୋକାର୍ପଣ କରୁଛନ୍ତି।

### ଟିମ୍ ଏଣ୍ଟରଟେନ୍‌ମେଣ୍ଟ ଆଣ୍ଡ ମିଡିଆର ଭିନ୍ନ ପ୍ରୟାସ

## ସାକ୍ଷୀଗୋପାଳ, ମା' ମଙ୍ଗଳାଙ୍କୁ ଲାଗିହେଲା ମକର ଚାଉଳ

ସାକ୍ଷୀଗୋପାଳ/କାକଟପୁର, ୧୪।୧(ଡି.ଏନ୍.ଏ.)

ମକର ସଂକ୍ରାନ୍ତି ଅବସରରେ ଗୁରୁବାର ସାକ୍ଷୀଗୋପାଳ ଠାକୁରଙ୍କୁ ମକର ଚାଉଳ ଭୋଗ ଲାଗି କରାଯାଇଛି। ପୌଷ ମାସରେ ବାପଘରକୁ ଯାଇଥିବା ମହାଲକ୍ଷ୍ମୀ ବୁଧବାର ମାସାନ୍ତ ରାତିରେ ମନ୍ଦିରକୁ ଫେରିଛନ୍ତି। ମହାଲକ୍ଷ୍ମୀ ବାପଘରୁ ଫେରିବା ବେଳେ ସାଙ୍ଗରେ ଆଣିଥିବା ମକର ଭାରରେ ପ୍ରସ୍ତୁତ ମକର ଚାଉଳ ନିର୍ଦ୍ଧାରିତ ସମୟରେ ଭୋଗଲାଗି କରାଯାଇଥିଲା। ଦ୍ୱିପ୍ରହର ଧୂପ ସମୟରେ ମନ୍ଦିର ବେଢ଼ାରେ ମକର, ଶାକର, ଦଧି ଓ ରୂପାପାତ୍ରରେ ନଳିପାନ ଏପରି ଚାରିବେଢ଼ା ଅନୁଷ୍ଠିତ ହୋଇଥିଲା। ଛତି ତ୍ରାସ, ଘଣ୍ଟ, କାହାଳୀ, ମହୁରୀ ଓ ତେଲିଙ୍ଗିବାଜା ସହ ପୂଜାପଣ୍ଡା ଓ ପାଳିଆପତ୍ରୀ ସେବକ ବଳି ଆଟିକାରେ ମକର ଚାଉଳ ନେଇ ନବାଙ୍କ ସ୍ଥାନରେ ପ୍ରଦାନ କରିଥିଲେ। ଅପରାହ୍ନରେ ଠାକୁରଙ୍କୁ ମକର ଚାଉଳ ଭୋଗ ନୈବେଦ୍ୟ କରାଯାଇଥିଲା। ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା।

ସେହିପରି କାକଟପୁରସ୍ଥିତ ମା' ମଙ୍ଗଳାଙ୍କୁ ମକର ଚାଉଳ ଲାଗି କରାଯାଇଛି। ଭୋର ୪ଟାରୁ ମନ୍ଦିର ଖୋଲାଯାଇ ମଙ୍ଗଳ ଆଳତି, ସ୍ନାନ, ଅବକାଶ, ମଇଲମ ଚନ୍ଦନ ଓ ବେଲପତ୍ର ଲାଗି କରାଯାଇଥିଲା। ବଲ୍ଲଭ ଧୂପ ପରେ ସକାଳ ଓ ମଧ୍ୟାହ୍ନ ଧୂପରେ ମା'ଙ୍କୁ ଖେଚୁଡ଼ି, ଡାଲି, ତରକାରି ଓ ଖିରି ଲାଗି କରାଯାଇଥିଲା। ଅପରାହ୍ନ ୫ଟାରେ ମନ୍ଦିର ବେଢା ମଧରେ ମା'ଙ୍କ ଚଳନ୍ତି ବିଗ୍ରହକୁ ପୂଜାପଣ୍ଡା ଘଣ୍ଟଘଣ୍ଟା ମାଧ୍ୟମରେ ମନ୍ଦିର ବେଢା ପରିକ୍ରମା କରିବା ପରେ ଏକ ସ୍ୱତନ୍ତ୍ର ଧୂପରେ ମକର ଚାଉଳ ଭୋଗ ଲାଗି କରାଯାଇଥିଲା। ପରେ ମନ୍ଦିର ବେଢାରେ ଥିବା ସମସ୍ତ ଦେବୀଦେବଙ୍କୁ ମକର ଚାଉଳ ଭୋଗ ଲାଗି କରାଯାଇଥିଲା। ସେହିପରି କାକଟପୁର ନିକଟ ମାଧବାନନ୍ଦ ମନ୍ଦିର, ଜଗନ୍ନାଥ ମନ୍ଦିର, ମହାବୀର ମନ୍ଦିରରେ ମକର ସଂକ୍ରାନ୍ତି ପାଳିତ ହୋଇଯାଇଛି।

# ଦେଶୀ ବଏଜ୍ ଟିମ୍ ଚାମ୍ପିୟନ

ଖୋର୍ଦ୍ଧା ଅଫିସ୍,୧୪।୧

ଅରାଙ୍ଗ ଗ୍ରାମରେ ଚାଲିଥିବା ଚତୁର୍ଥ ଗୌତମ ମେମୋରିଆଲ ଟ୍ରଫି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ୟଙ୍ଗ୍ ଡିନାମାଇଟ ଟିମ୍‌କୁ ହରାଇ ଦେଶୀ ବଏଜ୍ ଟିମ୍ ଚାମ୍ପିୟନ ହୋଇଛି।

ୟଙ୍ଗ୍ ଡିନାମାଇଟ୍ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ସମସ୍ତ ଉଇକେଟ ହରାଇ ୧୦୫ ରନ ସଂଗ୍ରହ କରିଥିଲା। ଜବାବରେ ଦେଶୀ ବଏଜ୍ ଟିମ୍ ୧୦ ଓଭରରେ ୨ଉଇକେଟ ହରାଇ ୧୦୬ ରନ ସଂଗ୍ରହ କରି ମ୍ୟାଚ ଜିତିଥିଲା। ଏହି ଟିମ୍‌ର ତପନ ବେହେରାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ଏବଂ ୟଙ୍ଗ୍ ଡିନାମାଇଟ ଟିମ୍‌ର ସୁମନ୍ତ ବେହେରାଙ୍କୁ ମ୍ୟାନ ଅଫ ଦି ସିରିଜ୍ ପୁରସ୍କାର ପ୍ରଦାନ କରାଯାଇଛି। ଦୀପକ ରାଉତରାୟ ଓ ରତିକାନ୍ତ ବେହେରା ଖେଳ ପରିଚାଳନା କରିଥିବାବେଳେ ସ୍ମୃତିରଞ୍ଜନ ଦାସ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ମୁଖ୍ୟଅତିଥି ଭାବେ କ୍ରୀଡ଼ାବିତ୍ ସଂଗ୍ରାମୀ କେଶରୀ ରାଉତରାୟ ଯୋଗଦେଇ ଦେଶୀ ବଏଜ୍ ଟିମ୍‌କୁ ଚାମ୍ପିୟନ ଏବଂ ୟଙ୍ଗ୍ ଡିନାମାଇଟ ଟିମ୍‌କୁ ରନର୍ସ ଅପ୍ ଟ୍ରଫି ପ୍ରଦାନ କରିଥିଲେ। କୃଷ୍ଣଚନ୍ଦ୍ର ବେହେରା ଓ ପ୍ରଦ୍ୟୁମ୍ନ ନାଟୁଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଟ୍ରଫି ସହ ଚାମ୍ପିୟନ ଟିମ୍।

### ଗୌତମ ମେମୋରିଆଲ ଟ୍ରଫି

# ଛୁଟିଦିନରେ ପଟ୍ଟା ବଣ୍ଟନକୁ କଂଗ୍ରେସ, ଭାଜପାର ବିରୋଧ

ଜଟଣୀ,୧୪।୧(ଡି.ଏନ୍.ଏ.)

ମକର ସଂକ୍ରାନ୍ତିର ଛୁଟି ଦିନରେ ଜଟଣୀ ତହସିଲ କାର୍ଯ୍ୟାଳୟ ପରିସରରେ ଟାଉନ୍ ଖାସମାହାଲ ଜମି ପଟ୍ଟା ବଣ୍ଟାଯାଉଥିବା ଫଟୋ ଏବଂ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏହି ଘଟଣା ପ୍ରଚାରିତ ହେବା ପରେ ପ୍ରଥମେ ଜଟଣୀ ନଗର କଂଗ୍ରେସର ଶତାଧିକ କର୍ମୀ ଏବଂ ନେତା ତହସିଲ କାର୍ଯ୍ୟାଳୟରେ ତହସିଲଦାର ଆଇନ ବିରୋଧ କାର୍ଯ୍ୟ କରିଥିବା ନେଇ ଧାରଣା ଦେଇଥିଲେ। ଏହି ଅବସରରେ ତହସିଲଦାରଙ୍କୁ ଦୁଇଦିନ ମଧ୍ୟରେ ବଦଳି ନେଇ ଜଟଣୀ ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଯଦି ଅଧିକାରୀଙ୍କୁ ବଦଳି କରା ନ ଯାଏ ଆଗାମୀ ଦିନରେ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ସେହିପରି ମଧ୍ୟାହ୍ନରେ ଜଟଣୀ ନଗର ଭାଜପା ପକ୍ଷରୁ ଶତାଧିକ କର୍ମୀ ଏବଂ ନେତା ଘଟଣାସ୍ଥଳରେ ପହଞ୍ଚି ତହସିଲ ମୁଖ୍ୟ ଫାଟକ ବନ୍ଦକରି ଧାରଣା ଦେବା ସହିତ ମଧ୍ୟାହ୍ନରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ରାଜପଥ ଅବରୋଧ କରିଥିଲେ। ତହସିଲଦାରଙ୍କ ବିରୋଧରେ ଫୌଜଦାରୀ ମାମଲା ରୁଜୁକରି ଗିରଫ କରିବା ପାଇଁ ଘଟଣା ସ୍ଥଳରେ ଥାନା ଅଧିକାରୀ ବିଶ୍ୱରଞ୍ଜନ ସାହୁଙ୍କୁ ଏକ ପତ୍ର ପ୍ରଦାନ କରିଥିଲେ। ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ ପ୍ରତିଶ୍ରୁତି ଦେଇଥିଲେ। ଜିଲାପାଳ ଘଟଣାସ୍ଥଳରେ ଉପସ୍ଥିତ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ କମିଟି ସଦସ୍ୟ ବିଶ୍ୱରଞ୍ଜନ ବଡଜେନାଙ୍କୁ ଫୋନ ଯୋଗେ ଘଟଣାର ଯଦି ସତ୍ୟତା ମିଳେ ତହସିଲଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏ ସମ୍ପର୍କରେ ତହସିଲଦାର ତପନ ମହାପାତ୍ର କହିଛନ୍ତି, ଆଇନ ବିରୋଧ କାର୍ଯ୍ୟ କରିନାହିଁ। କୋଭିଡ୍ ପାଇଁ ଅନେକ କାମ ବନ୍ଦ ରହିଥିଲା। ଜିଲାପାଳଙ୍କ କହିବା ଅନୁସାରେ ଛୁଟିଦିନରେ ମଧ ଆମେ କାମ କରୁଛୁ। କରୋନା ପାଇଁ ଅନେକ ରେଭିନ୍ୟୁ କ୍ଷତି ହୋଇଛି। ଗତ ୧୩ତାରିଖ ସନ୍ଧ୍ୟାରେ ବେଆଇନ ପଥର ବୋଝେଇ ଟ୍ରକ୍ ଜବତ କରାଯାଇଥିଲା। ଏହାର ଚାଲାଣ କାଟିବା ବିଷୟକୁ ନେଇ ଟ୍ରକ୍ ମାଲିକଙ୍କ ସମ୍ପର୍କୀୟ ଆସିଥିଲେ। ମୋର ପଟ୍ଟା ବଣ୍ଟନରେ କୌଣସି ଭୂମିକା ନାହିଁ। କେତେଜଣ ଲୋକ ଏହାକୁ ରାଜନୈତିକ ରୂପ ଦେବା ପାଇଁ ଏଭଳି ପରିସ୍ଥିତି ସୃଷ୍ଟି କରୁଛନ୍ତି।



ଜଟଣୀ ନଗର କଂଗ୍ରେସ ପକ୍ଷରୁ ଧାରଣା ଦିଆଯାଇଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ଜାନୁୟାରୀ ୧୫, ୨୦୨୧

## କୃଷି ଆଇନ ବିରୋଧରେ ଜନ ଜାଗରଣ ସଭା

ଡେଲାଙ୍ଗ,(ଡି.ଏନ୍.ଏ.): ନୂତନ କୃଷି ଆଇନକୁ ବିରୋଧ କରି ଏଆଇସିସିୟୁ ପକ୍ଷରୁ ଡେଲାଙ୍ଗ ବ୍ଲକ ବଣିବକ୍ରେଶ୍ୱର ମନ୍ଦିର ନିକଟ ପଡିଆରେ ଗୁରୁବାର ଜନ ଜାଗରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଆଇସିସିୟୁର ପୁରୀ ଜିଲା ସମ୍ପାଦକ ଲିଙ୍ଗୁଲାଲ ଦେବ ସୁବୁଦ୍ଧିଙ୍କ ନେତୃତ୍ୱରେ ଭଞ୍ଜ ବଳିୟାରସିଂ, ନିରଞ୍ଜନ ପାତ୍ର, ବିପିନ ରାଉତ, ତ୍ରିନାଥ ବଳିୟାରସିଂ ପ୍ରମୁଖ ଶତାଧିକ କୃଷକ ଓ ଶ୍ରମିକମାନେ କେନ୍ଦ୍ର ସରକାରଙ୍କ କୃଷି ମାରଣ ନୀତି ବିରୋଧରେ ସ୍ଲୋଗାନ ଦେବା ସହିତ କୃଷି ଆଇନକୁ ବିରୋଧ କରିଥିଲେ। କେନ୍ଦ୍ର ସରକାରଙ୍କ ନୀତି ବିରୋଧରେ ଜନଜାଗରଣ ସୃଷ୍ଟିକରିବା ପାଇଁ ଗ୍ରାମରେ ଏହି ଜାଗରଣ ସଭା କରିବାକୁ ସୁବୁଦ୍ଧି ଚେତାବନୀ ଦେଇଥିଲେ।



**ସଂକ୍ଷେପରେ**

### ଦାଦାବଟି ପାଇଁ ହତ୍ୟା ଧମକ : ୨ ଗିରଫ

ପୁରୀ ଅଫିସ,୧୪।୧: ଦାଦାବଟି ମାଗିବା ଅଭିଯୋଗରେ ୨ଜଣ ଯୁବକଙ୍କୁ ପୋଲିସ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଅଭିଯୋଗ ଅନୁଯାୟୀ, ଗତ ୧୨ ତାରିଖ ରାତିରେ ବାସେଳିସାହି ଥାନା ଅଞ୍ଚଳର ଜଲି ବାରିକ୍‌ଙ୍କ ଘର ସମ୍ମୁଖରେ ଦିଲୀପ କୁମାର ପଲେଇ ଓ ମଦନ ପରିଡ଼ା ପହଞ୍ଚି ତାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ତାଙ୍କ ସ୍ୱାମୀଙ୍କୁ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ। ଏଥିସହ ଜୋରଜବରଦସ୍ତ ଘରେ ପଶି ହଙ୍ଗାମା କରି ନଗଦ ୨୫ଶହ ଟଙ୍କା ଛଡ଼ାଇ ନେଇଥିଲେ। ଏପରି କି ଦାଦାବଟି ବାବଦକୁ ୨ଲକ୍ଷ ଟଙ୍କା ଦେବାକୁ ଜଲିଙ୍କୁ ଧମକ ଦେଇଥିଲେ। ସରକାରୀ ଜମିରେ ଘର କରିଥିବାରୁ ତାଙ୍କୁ ଏହି ଦାଦାବଟି ମଗାଯାଇଥିବା ଜଲି ଅଭିଯୋଗରେ ଦର୍ଶାଇଛନ୍ତି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ଗୁରୁବାର ପୋଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି ସେମାନଙ୍କଠାରୁ ୨୫ ଶହ ଟଙ୍କା ଜବତ କରିଛି।

### ଅପ୍ରାକୃତିକ ଯୌନ ସମ୍ପର୍କ ପାଇଁ ବାଧକରି ଯୁବକ ଗିରଫ

ପୁରୀ ଅଫିସ,୧୪।୧: ନାବାଳକଙ୍କୁ ଅପ୍ରାକୃତିକ ଯୌନ ସମ୍ପର୍କ ପାଇଁ ବାଧ କରିବା ଅଭିଯୋଗରେ ଜଣେ ଯୁବକଙ୍କୁ ପୋଲିସ ଗିରଫ କରିଛି। ଗୁରୁବାର ତାଙ୍କୁ କୋର୍ଟଚାଲାଣ କରାଯାଇଛି। ଅଭିଯୋଗ ଅନୁଯାୟୀ, ପୁରୀ ସହରର ସୁକାନ୍ତ ମହାନ୍ତି(୩୫) ଜଣେ ନାବାଳକଙ୍କୁ ଅପ୍ରାକୃତିକ ଯୌନ ସମ୍ପର୍କ ରଖିବା ପାଇଁ ବାଧ କରିଥିଲେ। ତେବେ ସମ୍ପୃକ୍ତ ନାବାଳକ ଏ ନେଇ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାରବର୍ଗଙ୍କ ଅଭିଯୋଗ କ୍ରମେ ପୋଲିସ ଆଇପିସି ଧାରା ୩୪୨, ୩୭୭ ଓ ୫୦୬ ଓ ପୋକ୍‌ସୋ ଆକ୍ଟରେ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ସୁକାନ୍ତଙ୍କୁ ଗିରଫ କରିଥିଲା। ପୁରୀ ସଦର ମହକୁମା ଚିକିତ୍ସାଳୟରେ ସମ୍ପୃକ୍ତ ନାବାଳକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିବା ପୋଲିସ କହିଛି।

### ମକର ମିଳନ ଉତ୍ସବ

ନିମାପଡ଼ା,୧୪।୧(ଡି.ଏନ୍.ଏ.): ନିମାପଡ଼ା ବ୍ଲକ ଅଧୀନ ଚାରିଛକ ନିକଟ ଭୋଦର ରାଧାମୋହନ ମନ୍ଦିର ପ୍ରାଙ୍ଗଣରେ ମକର ସଂକ୍ରାନ୍ତି, ବ୍ୟାସକବି ଫକୀରମୋହନଙ୍କ ଜୟନ୍ତୀ ଅବସରରେ ମକର ମିଳନ ଉତ୍ସବ ଓ କବିତା ଆସର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରାଚୀ ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ ସମାରୋହରେ ଅତିଥିଭାବେ ସାହିତ୍ୟ ସଂସଦ ସଭାପତି ପ୍ରଫେସର ଗୋପୀନାଥ କର, ଶିକ୍ଷାବିତ୍ କ୍ଷୀରୋଦଚନ୍ଦ୍ର ରାୟ ମହାପାତ୍ର, ଅବସରପ୍ରାପ୍ତ ପ୍ରଫେସର ନାରାୟଣ ମିଶ୍ର, ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ଅଧକ୍ଷା ପ୍ରଫେସର କଲ୍ୟାଣୀ ପଟ୍ଟନାୟକ, ନୀରୋଦ ତ୍ରିପାଠୀ, ସ୍ୱର୍ଣ୍ଣରଶ୍ମି ସାହୁ, ଜୀବନ ଦାସ, ତ୍ରିଲୋଚନ କର, ଶୈଳବାଳା ବାହିନୀପତି, ଚନ୍ଦ୍ରକାନ୍ତ ଦଳେଇ, ସନାତନ ପାତ୍ର ପ୍ରମୁଖ ଯୋଗଦେଇ ମକର ସଂକ୍ରାନ୍ତି ଓ ମକର ମିଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ କବିମାନଙ୍କ ଦ୍ୱାରା କବିତା ପାଠ ଓ କବିତା ଆସର ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଶିକ୍ଷାବିତ୍ ଡ. ରବୀନ୍ଦ୍ରନାଥ ପାଢ଼ୀ, ଅହଲ୍ୟା ଲେଙ୍କା ସଂଯୋଜନା କରିଥିଲେ। ୩ଜଣ କବି ମୁରଲୀଧର ଭାରତୀ, ଲକ୍ଷ୍ମୀଧର ସାହୁ, ସୁଧାଂଶୁବାଳା ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷାବିତ୍ ଡ. ସନ୍ତୋଷ ମିତ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଉତ୍ସବରେ ୪୦ଜଣ କବି, ସାହିତ୍ୟିକଙ୍କ ସମେତ ସ୍ଥାନୀୟ ବ୍ୟକ୍ତି ଯୋଗଦେଇଥିଲେ।

### ଦେଶ ଗଠନରେ ସାହିତ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ

ଗୋପ,୧୪।୧(ଡି.ଏନ୍.ଏ.): କବି, କବିତା ଓ ସାହିତ୍ୟ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଦେଶ ଗଠନରେ ସାହିତ୍ୟ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଗୁରୁବାର ପ୍ରସନ୍ନ ତ୍ରିପାଠୀ କହିଛନ୍ତି। ଗୋପ ବ୍ଲକ ଅଧୀନ ପୁରୀର ଶ୍ରୀପୂର୍ଣ୍ଣି ସାହିତ୍ୟ ସଂସଦ ଆନୁକୂଲ୍ୟରେ ଦଳନଇସ୍ଥିତ ବିନାୟକ ଇଂଲିଶ ମିଡ଼ିୟମ ସ୍କୁଲ ପରିସରରେ ଆୟୋଜିତ କବି ସ୍ୱର୍ଣ୍ଣଲତା ତ୍ରିପାଠୀଙ୍କ କବିତା 'ଆଚ୍ଛନ୍ନ ଅସ୍ତରାଗ' ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ତ୍ରିପାଠୀ ଯୋଗଦେଇ ଏହା କହିଛନ୍ତି। କାର୍ଯ୍ୟକ୍ରମରେ ଶ୍ରୀପୂର୍ଣ୍ଣି ସମ୍ପାଦକ ରମାକାନ୍ତ ମହାପାତ୍ର, ସୁରେନ୍ଦ୍ର ନାଥ ବିଶ୍ୱାଳ, କୋଣାର୍କ ସାହିତ୍ୟ ସଂସଦର ସମ୍ପାଦକ ରବୀନ୍ଦ୍ର ନାଥ ବାହିନିପତି ଯୋଗଦେଇ ଫକୀରମୋହନଙ୍କ ସାହିତ୍ୟ ଯୁବ ସମାଜକୁ ନୂଆ ଦିଶା ଦେଖାଇବ ବୋଲି କହିଥିଲେ। ସାହିତ୍ୟ ସଞ୍ଚାଳକ ଗିରିଜା କାନ୍ତ ଦାଶ, ଡ. ସୁଚିତ୍ରା ରଥ, ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଭଗବାନ ସାହୁ, ରତ୍ନାକର ବେହେରା, ଗୋବିନ୍ଦ ଚନ୍ଦ୍ର ଫାରକ, ବାଳକୃଷ୍ଣ ବେହେରା, ଆଲୋକ ପ୍ରଧାନ, ବିଜୟ ଲକ୍ଷ୍ମୀ ଦାଶ, ସୁଜାତା ସିହ୍ନା ପ୍ରମୁଖ ଯୋଗଦେଇ କବିତା ପାଠ କରିବା ସହ କବିତାର ମୂଳଲକ୍ଷ୍ୟ ସମ୍ପର୍କରେ ବୁଝାଇ ଥିଲେ। ଛାତ୍ରୀଛାତ୍ରୀମାନେ ଉପସ୍ଥିତ ଥିଲେ।

# ମହାପ୍ରଭୁଙ୍କୁ ଲାଗିହେଲା ମକର ଚାଉଳ





ରାଧାବଲ୍ଲଭ ମଠ ଏବଂ ଉତ୍ତରପାର୍ଶ୍ୱ ମଠ ପରିସରରେ ମହାପ୍ରଭୁଙ୍କ ପାଇଁ ମକର ଚାଉଳ ପ୍ରସ୍ତୁତ କରାଯାଉଛି ।

**ପୁରୀ ଅଫିସ,୧୪।୧:**

ମକର ସଂକ୍ରାନ୍ତି ଉପଲକ୍ଷେ ଗୁରୁବାର ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହୋଇଛି। ଶ୍ରୀମନ୍ଦିରର ଦ୍ୱାଦଶ ଯାତ୍ରା ମଧ୍ୟରୁ ମକରସଂକ୍ରାନ୍ତି ଅନ୍ୟତମ। ବୁଧବାରଠାରୁ ଅଧିବାସ ସରିଥିବାବେଳେ ଗୁରୁବାର ଦ୍ୱିପ୍ରହର ଧୂପ ପରେ ମକର ଚାଉଳ ଓ ପାନ ଲାଗି ହୋଇଛି। ମହାପ୍ରଭୁ ଗୁରୁବାର ଭକ୍ତଙ୍କୁ ମକର ଚଉରାଶି ବେଶରେ ଦର୍ଶନ ଦେଇଛନ୍ତି। ମକର ସଂକ୍ରାନ୍ତିଠାରୁ ସୂର୍ଯ୍ୟଙ୍କର ଉତ୍ତରାୟଣ ଗତି ଆରମ୍ଭ ହୋଇଥିବାରୁ ଶ୍ରୀମନ୍ଦିରରେ ବିଶେଷ ପର୍ବ ଓ ନୀତି ଆରମ୍ଭ ହୋଇଛି। ମହାପ୍ରଭୁଙ୍କ ତ୍ରିମୁଣ୍ଡିରେ ମକର ଚାଉଳ ଲାଗି କରାଯାଇଛି। ରୀତିନୀତି ଅନୁଯାୟୀ, ମହାଲକ୍ଷ୍ମୀ ପୌଷ ମାସରେ ବାପଘରକୁ ଯାଇଥାନ୍ତି। ମକରସଂକ୍ରାନ୍ତି ପୂର୍ବଦିନ ସେ ଶ୍ରୀମନ୍ଦିରକୁ ଫେରନ୍ତି। ଏହାପରେ ସେ ସାଙ୍ଗରେ ଆଣିଥିବା ଭାରରେ ଏହି ମକର ଚାଉଳ ଭୋଗ ପ୍ରସ୍ତୁତ କରାଯାଇ ମକର ବେଢ଼ା କରାଯାଇଥାଏ। ଏହି ଭୋଗରେ ମକର ଚାଉଳ, ନବାତ, ଶର୍କରା, ଖୁଆ, ସର ଓ ପାପୁଡ଼ି ଆଦି ଅନେକ ଦ୍ରବ୍ୟ ପଡ଼ିଥାଏ। ମହାପ୍ରଭୁଙ୍କୁ ପାନ ମଧ ଲାଗି କରାଯାଏ। ହିନ୍ଦୁ ଧର୍ମରେ ବିଶ୍ୱାସ ରହିଛି ଯେ, ମକର ସଂକ୍ରାନ୍ତି ଦିନ ମହାପ୍ରଭୁଙ୍କୁ

**ଦର୍ଶନ କଲେ ୩ ହଜାର ଶ୍ରଦ୍ଧାଳୁ**

ଦର୍ଶନ ଓ ବେଢ଼ା ପରିକ୍ରମା କଲେ ଚଉରାଅଶୀ ଯୋନି ଜନ୍ମରୁ ମୁକ୍ତି ମିଳିଥାଏ। ଏଣୁ ହିନ୍ଦୁ ଧର୍ମାବଲମ୍ବୀମାନେ ଏହି ଦିନ ବହୁ ସଂଖ୍ୟାରେ ଶ୍ରୀମନ୍ଦିରକୁ ଆସି ମହାପ୍ରଭୁଙ୍କ ଦର୍ଶନ କରିଥାନ୍ତି। ଗତ କିଛି ଦିନ ହେବ ଶ୍ରୀମନ୍ଦିରକୁ ଆସୁଥିବା ଦର୍ଶନାର୍ଥୀଙ୍କ ସଂଖ୍ୟା କମ୍ ରହୁଥିବା ବେଳେ ଗୁରୁବାର ଏହି ସଂଖ୍ୟା ବଢ଼ିଥିବା ଦେଖିବାକୁ ମିଳିଛି। ପ୍ରାୟ ୩ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଶ୍ରଦ୍ଧାଳୁମାନେ କୋଭିଡ୍ ନେଗେଟିଭ୍ ରିପୋର୍ଟ ଦେଖାଇ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ସେହିପରି ଗୁରୁବାର ଶ୍ରୀମନ୍ଦିର ହୁଣ୍ଡିରୁ ୧ ଲକ୍ଷ ୯୨ ହଜାର ୯୪୨ ଟଙ୍କା ସମେତ ୯ଶହ ଗ୍ରାମର ରୁପା ମିଳିଛି।

### ଲୋକନାଥ ମନ୍ଦିରରେ ମକର ପର୍ବ

ପୁରୀ ଲୋକନାଥ ମନ୍ଦିରରେ ମକର ପର୍ବ ପାଳିତ ହୋଇଛି। ମା' ବରାହୀ ମନ୍ଦିରରୁ ମକର ପର୍ବ ପାଇଁ ଆବଶ୍ୟକ ସାମଗ୍ରୀ ଆସି ମହାପ୍ରଭୁ ଲୋକନାଥଙ୍କ ମନ୍ଦିରରେ ପହଞ୍ଚିଥିଲା। ସୁଗନ୍ଧ ଫୁଲରେ ପ୍ରସ୍ତୁତ ୨ଟି ଚୂଳ ଓ ମକର ଚାଉଳ ପ୍ରସ୍ତୁତି ପାଇଁ ଚାଉଳ, ନଡ଼ିଆ, କଦଳୀ, ମୁଆଁ, କ୍ଷୀର, ସର, ଖୁଆ ଓ ରାବିଡ଼ି ଆଦି ମା'ଙ୍କ ମନ୍ଦିରରୁ ଆସିଥିଲା। ଘଣ୍ଟ, କାହାଳୀ ଓ ଛତି ପଟୁଆରରେ ଏହି ସମସ୍ତ ସାମଗ୍ରୀ ଲୋକନାଥ ମନ୍ଦିରରେ ପହଞ୍ଚିଥିଲା। ସେଠାରେ ମକର ବେଢା ପରିକ୍ରମା ପରେ ଦ୍ୱିପ୍ରହର ଧୂପରେ ଚୂଳ ଓ ମକରଚାଉଳ ଲାଗି ହୋଇଛି। ବଡସିଂହାର ବେଶରେ ୨ୟ ଚୂଳ ପ୍ରଭୁଙ୍କୁ ଲାଗି ହୋଇଛି। ଏହି କାର୍ଯ୍ୟକ୍ରମ ଅବସରରେ ସେବାୟତ ଗିରି ମହାପାତ୍ର, ଜିତୁ ମହାପାତ୍ର, ଚନ୍ଦନ ପଣ୍ଡା, ରବୀନ୍ଦ୍ର ମହାନ୍ତି ଉପସ୍ଥିତ ଥିବାବେଳେ ଖଇଖିଆ ଗ୍ରୁପ୍‌ର ସଦସ୍ୟମାନେ ସହଯୋଗ କରିଥିଲେ।

# ସାସ୍ ଆୱାର୍ଡ ପ୍ରତିଭା ସମ୍ବର୍ଦ୍ଧନା

**ସାକ୍ଷୀଗୋପାଳ,୧୪।୧(ଡି.ଏନ୍.ଏ.):**




ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭାମାନେ ।

ଗ୍ଲୋବାଲ ବିୟୁଟି ଅନ୍ତର୍ଜାତୀୟ ସଙ୍ଗଠନ ପକ୍ଷରୁ ଗୁରୁବାର ସାକ୍ଷୀଗୋପାଳରେ ସାସ୍ ଆୱାର୍ଡ ପ୍ରତିଭା ସମ୍ବର୍ଦ୍ଧନା ଏବଂ ମିଡିଆ ଉପସ୍ଥାପନା ଅନୁଷ୍ଠିତ ହୋଇଯାଇଛି। ଗ୍ଲୋବାଲ ସାସ୍ ଅନଲାଇନ ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ସ୍ଥାନରୁ ସଫଳତା ଅର୍ଜନ କରିଥିବା ଜୁନିୟର ପ୍ରତିଯୋଗୀଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଛି। ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା ଅନୀଷା ମେହେର, ଅନମୋଲ ସାମଲ, ପଲକ ମହାପାତ୍ର, ବିଶ୍ୱବିଜୟିନୀ ମିଶ୍ର ଏବଂ ସାଇ ଶ୍ରେୟାଂଶୁ ପଣ୍ଡାଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ସେମାନେ ମ୍ୟାନମାର, ଥାଇଲାଣ୍ଡ, ନେପାଳରେ ହେବାକୁ ଥିବା ପ୍ରତିଯୋଗିତାରେ ଭାଗ ନେବେ। ଅତିଥିଙ୍କ ମଧ୍ୟରେ ମିଷ୍ଟର ୱାର୍ଲ୍ଡ ଆମ୍ବାସାଡର ଇଣ୍ଟରନ୍ୟାଶନାଲ ୨୦୨୧ ରିଷଭ ବର୍ମା, ଅଭିନେତ୍ରୀ ପାୟଲ ଭୋଇ ଓ ମଡେଲ ସୁରଜ କୁମାର ମହାପାତ୍ର ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ଅର୍ପିତା ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଜୁନିୟର ଆଇଡଲ ୱାର୍ଲ୍ଡର ନିର୍ଦ୍ଦେଶକ ଡ. ପ୍ରୀତମ ବାଗ୍ ଉତ୍ସବ ଅୟୋଜନ କରିଥିଲେ।

### ମହାବୀର କ୍ଲବ ଚାମ୍ପିୟନ

ନିରାକାରପୁର,୧୪।୧(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା କୃଷ୍ଣପୁର ସ୍ପୋର୍ଟ୍ସ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ଯୋଗମାୟା କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ ଗୁରୁବାର କେଶରପୁର ଜୟଦୁର୍ଗା କ୍ରିକେଟ କ୍ଲବକୁ ୩୭ ରନରେ ହରାଇ ବାଲିଗାଡ଼ିଆର ମହାବୀର କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ପ୍ରଥମେ ମହାବୀର ଟିମ୍ ବ୍ୟାଟିଂ କରି ୧୫ଓଭରରେ ସମସ୍ତ ଉଇକେଟ ହରାଇ ୧୭୭ ରନ କରିଥିଲା। ଜବାବରେ ଜୟଦୁର୍ଗା କ୍ଲବ ସମସ୍ତ ଉଇକେଟ ହରାଇ ୧୪୦ ରନକରି ପରାଜିତ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ଅତିଥିଭାବେ ଖୋର୍ଦ୍ଧା ବ୍ଲକ ବିଜୁ ଯୁବ ବାହିନୀ ସଭାପତି ସୁଶାନ୍ତ ଗୁମାନସିଂହ, ସ୍ପୋର୍ଟ୍ସ ଆସୋସିଏଶନର ସଚ୍ଚିକାନ୍ତ ପାଇକରାୟ, ବିକାଶ ଚଇନି, ଅନୁଜ ରଣସିଂହ, ବିକାଶ ସୁନ୍ଦରାୟ, ଜୟପ୍ରକାଶ ବରିସଲ ଓ ସମୀର ଜେନା ପ୍ରମୁଖ ଯୋଗ ଦେଇଥିଲେ ।

# ଆରମ୍ଭହେଲା ମୁକ୍ତେଶ୍ୱର ନୃତ୍ୟ ଉତ୍ସବ





ମୁକ୍ତେଶ୍ୱର ନୃତ୍ୟ ଉତ୍ସବକୁ ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା ଉଦ୍‌ଘାଟନ କରୁଛନ୍ତି । ଦୁଇ ଜଣ ଶିଳ୍ପୀ ନୃତ୍ୟ ପରିବେଷଣ କରୁଛନ୍ତି ।

**ଭୁବନେଶ୍ୱର,୧୪।୧(ବ୍ୟୁରୋ)/ ପୁରୁଣା ଭୁବନେଶ୍ୱର (ଡି.ଏନ୍.ଏ.)**

**ଶିବ-ଶକ୍ତି ଉପାସନା କଲେ ନୃତ୍ୟଶିଳ୍ପୀ**

ଶିବ ଓ ଶକ୍ତି ଉପାସନାରୁ ଆରମ୍ଭ ହୋଇଛି ଓଡ଼ିଶୀ ନୃତ୍ୟ ମହାକୁମ୍ଭ 'ମୁକ୍ତେଶ୍ୱର ନୃତ୍ୟ ଉତ୍ସବ'। ଶିବ ସୁରକ୍ଷା ମନ୍ତ୍ରରୁ ଆରମ୍ଭକରି ଶିବସ୍ତୁତିରେ ଯୁଗଳବନ୍ଦୀ, ନୃତ୍ୟର ତାଳେ ତାଳେ ଦେବାଦିଦେବ ମହାଦେବଙ୍କ ଗୋଟିଏ ପରେ ଗୋଟିଏ ଉପାଖ୍ୟାନକୁ ମଞ୍ଚରେ ଉପସ୍ଥାପନ କରିଥିଲେ ନୃତ୍ୟଶିଳ୍ପୀ। ବର୍ଷକର ଅପେକ୍ଷା ପରେ ମୁକ୍ତେଶ୍ୱର ମୁକ୍ତାକାଶ ରଙ୍ଗମଞ୍ଚରେ ପୁଣିଥରେ ଶୁଭିଥିଲା ଘୁଙ୍ଗୁରର ରୁଣୁଝୁଣୁ ଶବ୍ଦ। ନୀରବି ଯାଇଥିବା ଦଶମ ଶତାବ୍ଦୀର ଏହି ଐତିହାସିକ ମନ୍ଦିର ପୂର୍ବବତ୍ ନିଜକୁ ଜୀବିତ କରିଥିଲା। ରଙ୍ଗବେରଙ୍ଗର ଆଲୋକସଜ୍ଜା, ପ୍ରାଚୀନ କିର୍ତ୍ତୀରାଜି ସାଙ୍ଗକୁ ମୁକ୍ତାକାଶ ମଞ୍ଚ ଓଡ଼ିଶୀ ନୃତ୍ୟରେ ଆହୁରି ମାଦକତା ଭରିଦେଇଥିଲା। କୋଳାହଳରୁ ଦୂରରେ ଥିବା ମନ୍ଦିର ପ୍ରାଙ୍ଗଣ ଲୋକାରଣ୍ୟ ହୋଇଉଠିଥିଲା। ଅବସର ଥିଲା ମୁକ୍ତେଶ୍ୱର ମନ୍ଦିର ପରିସରରେ ଗୁରୁବାରଠାରୁ ଆରମ୍ଭ ହୋଇଥିବା ୩ଦିନିଆ ମୁକ୍ତେଶ୍ୱର ନୃତ୍ୟ ଉତ୍ସବର ଉଦ୍‌ଘାଟନୀ ସନ୍ଧ୍ୟା।

ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଏବଂ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ସହଯୋଗରେ ଆୟୋଜିତ ଉତ୍ସବର ପ୍ରଥମ ସନ୍ଧ୍ୟାରେ ଉଭୟ ସଙ୍ଗୀତ ଓ ନୃତ୍ୟର ଆସର ଜମିଥିଲା। ଶୀତୁଆ ସନ୍ଧ୍ୟାରେ ନୃତ୍ୟର ଉଷ୍ମତାକୁ ଭରପୂର ଉପଭୋଗ କରିଥିଲେ ଉପସ୍ଥିତ ଦର୍ଶକ। ପ୍ରଥମେ ପଣ୍ଡିତ ମହେଶ୍ୱର ରାଓ ଓ ସାଥୀ ପ୍ରସ୍ତୁତ କରିଥିଲେ ଶିବ ବନ୍ଦନା ଓଁ ନମଃ ଶିବାୟ। ପରବର୍ତ୍ତୀ କାର୍ଯ୍ୟକ୍ରମ ଥିଲା ବିଶିଷ୍ଟ ଓଡ଼ିଶୀ ନୃତ୍ୟଶିଳ୍ପୀ ମୀରା ଦାସଙ୍କ ଦ୍ୱାରା ଏକକ ଓଡ଼ିଶୀ ନୃତ୍ୟ ପରିବେଷଣ। ତାଙ୍କର ପ୍ରଥମ ଅର୍ଘ୍ୟ ଥିଲା ଶିବସ୍ତୁତି। ପୁଷ୍ପାଞ୍ଜଳିରେ ମଙ୍ଗଳାଚରଣ ପରେ ଗୁରୁ କେଳୁଚରଣ ମହାପାତ୍ରଙ୍କ ନୃତ୍ୟ ସଂରଚନାରେ ସେ ପଲ୍ଲବୀ ପରିବେଷଣ କରିଥିଲେ। ଅନ୍ତିମ ପ୍ରସ୍ତୁତିରେ ପଣ୍ଡିତ ଭୁବନେଶ୍ୱର ମିଶ୍ରଙ୍କ ସଙ୍ଗୀତ ସଂଯୋଜନା ଓ ନିଜସ୍ୱ ନୃତ୍ୟ ସଂରଚନାରେ ରାମାୟଣରୁ ଉଦ୍ଧୃତ ଅଭିନୟ ଶବରୀ ପରିବେଷଣ କରିଥିଲେ। ଯୁଗଳବନ୍ଦୀ ପର୍ଯ୍ୟାୟରେ ନୃତ୍ୟଶିଳ୍ପୀ ପ୍ରୀତିଶା ମହାପାତ୍ର ଓ ରିଦ୍ଧିତା ବରୁଆ ପ୍ରଥମେ ଶିବସ୍ତୁତି ଜୟ ମହେଶ ପରେ ପଲ୍ଲବୀ ଓ ଶେଷରେ ଅଭିନୟ ଶ୍ରୀରାମସ୍ତୁତି ମଞ୍ଚସ୍ଥ କରିଥିଲେ। ଏହାର ନୃତ୍ୟ ସଂରଚନା ଗୁରୁ ରତିକାନ୍ତ ମହାପାତ୍ର କରିଥିବା ବେଳେ ସଙ୍ଗୀତ ସଂଯୋଜନା କରିଥିଲେ ପଣ୍ଡିତ ରଘୁନାଥ ପାଣିଗ୍ରାହୀ ଓ ପ୍ରଦୀପ କୁମାର ଦାସ। ଶେଷରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଶିଳ୍ପୀ ଦଳଗତ ନୃତ୍ୟରେ ଶ୍ରୀଗଣେଶ ଓ ପରେ ରାଗ କ୍ଷୀରବାଣୀ ପଲ୍ଲବୀ ଏବଂ ଶେଷରେ ଅଭିନୟ ଶକ୍ତି ପରିବେଷଣ କରିଥିଲେ। ଏହାର ନୃତ୍ୟ ସଂରଚନା ଗୁରୁ ଲିଙ୍ଗରାଜ ପ୍ରଧାନ ଓ ଗୁରୁ ପଙ୍କଜ କୁମାର ପ୍ରଧାନ କରିଥିବାବେଳେ ସଙ୍ଗୀତ ସଂଯୋଜନା କରିଥିଲେ ଗୁରୁ ବିଜୟ କୁମାର ଜେନା ଓ ଗୁରୁ ବିଜୟ କୁମାର ବାରିକ।

ଉଦ୍‌ଘାଟନୀ ସନ୍ଧ୍ୟାରେ ଅତିଥିଭାବେ ରାଜ୍ୟ ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା, ପର୍ଯ୍ୟଟନ ବିଭାଗ ପ୍ରମୁଖ ସଚିବ ବିଶାଲ କୁମାର ଦେବ, ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର, ଓଡ଼ିଶୀ ନୃତ୍ୟଶିଳ୍ପୀ ଗୁରୁ ଅରୁଣା ମହାନ୍ତି, ପର୍ଯ୍ୟଟନ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ ଏବଂ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଡ. ସଙ୍ଗୀତା ଗୋସାଇଁ ଯୋଗଦେଇଥିଲେ। ଡ. ଶ୍ରୀନିବାସ ଘଟୁଆରୀ ଓ ସଂହତି ପାଣି କାର୍ଯ୍ୟକ୍ରମ ସଂଚାଳନ କରିଥିଲେ।






ପୁରୀ ୟୁଥ୍ ହଷ୍ଟେଲ ପରିସରରେ ଗୁରୁବାର ପତ୍ରିକା 'ନୀଳଚକ୍ର ବାନା'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି । ବୁଢ଼ୀମା' ତୋଟା ପରିସରରେ ଆୟୋଜିତ ଷଷ୍ଠ ପୁରୀ ଚେସ୍ ମାଷ୍ଟର ମିଟ୍ ପ୍ରତିଯୋଗିତା ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅଭିଲିପ୍ସା



@ ଅନନ୍ତ



@ ଜସ୍ମିନ



@ କୃଷ୍ଣଚନ୍ଦ୍ର



@ ଅବିନାଶ



@ ନୀରୋଦ



@ ବାବୁନା



@ ଶୁଭାଷିନୀ